بِسْمِ اللّٰہِ الرَّحْمٰنِ الرَّحِیْمِ نَحْمَدُہٗ وَنُصَلِّیْ عَلٰی رَسُوْلِہِ الْکَرِیْمِ وَعَلٰی عَبْدِہِ الْمَسِیْحِ الْمَوْعُوْدِ

وَلَقَدْ نَصَرَکُمُ اللّٰہُ بِبَدْرٍ وَّاَنْتُمْ اَذِلَّۃٌ

ଖଣ୍ଡ 5

ସାପ୍ତାହିକ ବଦର

Weekly BADAR Qadian

କାଦିଆନ

Odia

ସଂଖ୍ୟା 43

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

22 ଅକ୍ଟୋବର 2020 | 22 ଇଖା 1399 ହି.ଶ | 04 ରବିଉଲ୍ ଅୱ୍ୱଲ୍ 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

اَفَلَا یَتَدَبَّرُوْنَ الْقُرْاٰنَ ؕ
وَلَوْ کَانَ مِنْ عِنْدِ غَیْرِ اللّٰہِ
لَوَجَدُوْا فِیْہِ اخْتِلَافًا کَثِیْرًا

(النساء:83)

ଅନୁବାଦ- ତେବେ କ'ଣ ସେମାନେ (ପବିତ୍ର) କୋରାନର ଅନୁଧ୍ୟାନ କରୁନାହାନ୍ତି ? ଏବଂ (ବୁଝିପାରୁ ନାହାନ୍ତି ଯେ) ଏହା ଯଦି ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାରି ତରଫରୁ ହୋଇଥାଆନ୍ତା ତେବେ ସେମାନେ ନିଶ୍ଚୟ ଏଥିରେ ଅନେକ ଅସାମଞ୍ଜସ୍ୟ ପାଇଥାଆନ୍ତା । *(ନିସା: ୮୩)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫିଁ'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**କାହାକୁ ନ୍ୟୁନ ଦୃଷ୍ଟିରେ ଦେଖା ନ ଯାଉ । କାହାର ହୃଦୟକୁ ଆଘାତ ନ ପହଂଚାଅ । ଯମାତ୍‌ରେ ପାରସ୍ପରିକ ମତଭେଦ ରହିବା ଉଚିତ ନୁହେଁ । କାହା ଉପରେ ବିରକ୍ତ ହୁଅ ନାହିଁ କି କାହାର ଅବମାନନା କରନାହିଁ । ତୁମ ଧାର୍ମିକ ଗରୀବ ଭାଇମାନଙ୍କୁ ଘୃଣିତ ଚକ୍ଷୁରେ ଦେଖ ନାହିଁ । ଧନ ଦଉଲତ ଓ ପାରିବାରିକ ଶ୍ରେଷ୍ଠତାର ପୃଷ୍ଠଭୂମି ଆଧାରରେ ଗର୍ବ କରି ଅନ୍ୟମାନଙ୍କୁ ନିମ୍ନ ଓ ତୁଚ୍ଛ ମଣନାହିଁ । ଈଶ୍ୱରଙ୍କ ଦୃଷ୍ଟିରେ ସେ ହେଉଛି ସମ୍ମାନୀୟ ଯେ ଧାର୍ମିକ ଅଟନ୍ତି । ଅତଏବ ଅଲ୍ଲାଃ କହିଛନ୍ତି: ଇନ୍ନା ଅକ୍‌ରମକୁମ୍ ଇନ୍‌ଦଲ୍ଲାହି ଅତ୍‌କାକୁମ**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

ତୁମର ନୈତିକ ଅବସ୍ଥା ଏତେ ପ୍ରଶଂସନୀୟ ହେବା ଉଚିତ ଯେ ଯଦି ତୁମେ କାହାକୁ ପୂଣ୍ୟ ଉଦ୍ଦେଶ୍ୟରେ ପରାମର୍ଶ ଦେବାକୁ କିମ୍ବା ସେମାନଙ୍କ ତୃଟି ପ୍ରତି ଧ୍ୟାନ ଆକର୍ଷଣ କରିବାକୁ ଚେଷ୍ଟା କର ତେବେ ସେ ତାକୁ ଖରାପ ନ ଭାବୁ । କାହାକୁ ନ୍ୟୁନ ଦୃଷ୍ଟିରେ ଦେଖା ନ ଯାଉ । କାହାର ହୃଦୟକୁ ଆଘାତ ନ ପହଂଚାଅ । ଯମାତ୍‌ରେ ପାରସ୍ପରିକ ମତଭେଦ ରହିବା ଉଚିତ ନୁହେଁ । କାହା ଉପରେ ବିରକ୍ତ ହୁଅ ନାହିଁ କି କାହାର ଅବମାନନା କରନାହିଁ । ତୁମ ଧାର୍ମିକ ଗରୀବ ଭାଇମାନଙ୍କୁ ଘୃଣିତ ଚକ୍ଷୁରେ ଦେଖ ନାହିଁ । ଧନ ଦଉଲତ ଓ ପାରିବାରିକ ଶ୍ରେଷ୍ଠତାର ପୃଷ୍ଠଭୂମି ଆଧାରରେ ଗର୍ବ କରି ଅନ୍ୟମାନଙ୍କୁ ନିମ୍ନ ଓ ତୁଚ୍ଛ ମଣନାହିଁ । ଈଶ୍ୱରଙ୍କ ଦୃଷ୍ଟିରେ ସେ ହେଉଛି ସମ୍ମାନୀୟ ଯେ ଧାର୍ମିକ ଅଟନ୍ତି । ଅତଏବ ଅଲ୍ଲାଃ କହିଛନ୍ତି: **ଇନ୍ନା ଅକ୍‌ରମକୁମ୍ ଇନ୍‌ଦଲ୍ଲାହି ଅତ୍‌କାକୁମ୍ (ଅଲ୍‌ହୁଜ୍‌ରାତ:୧୪)** ଅର୍ଥାତ: ତୁମମାନଙ୍କ ମଧ୍ୟରୁ ଯେ ସବୁଠାରୁ ଧର୍ମପରାୟଣ, ସେ ଅଲ୍ଲାଃଙ୍କ ନିକଟରେ ସମସ୍ତଙ୍କ ଅପେକ୍ଷା ଅଧିକ ସମ୍ମାନିତ । ତେଣୁ ଅନ୍ୟମାନଙ୍କ ସହିତ ଉତମ ବ୍ୟବହାର କରିବା ଉଚିତ । ଅନୈତିକ ଆଚରଣ ପ୍ରଦର୍ଶନ କରିବା ଠିକ୍ ନୁହେଁ । ଲୋକମାନେ ଆମ ଯମାତ ବିରୁଦ୍ଧରେ ମୋକଦ୍ଦମା କରିବାକୁ ବାହାନା ଖୋଜୁଛନ୍ତି । ଲୋକମାନେ ଯେଉଁଠି ଗୋଟିଏ ମହାମାରୀରେ ପୀଡ଼ିତ ସେଠି ଆମ ସମ୍ପ୍ରଦାୟ ଦୁଇଟି ମହାମାରୀର ସମ୍ମୁଖିନ ହୋଇଛି । ଯଦି ଆମ ଯମାତର ଜଣେ ବ୍ୟକ୍ତି କିଛି ମନ୍ଦ କାର୍ଯ୍ୟ କରେ, ତେବେ ସେହି ଜଣକ ସକାଶେ ଆମ ସମଗ୍ର ଯମାତକୁ କ୍ଷତି ପହଂଚିଥାଏ । ଜ୍ଞାନ, ସହନଶୀଳତା ଓ କ୍ଷମା ଗୁଣକୁ ବଢ଼ାନ୍ତୁ । ମୁର୍ଖରୁ ମୂର୍ଖ ଲୋକର କଥାର ଉତର ସୌମ୍ୟ ଓ ସଦାଚାରିତାରେ ଦିଅ । ନିର୍ବୋଧମାନଙ୍କର ଉତର ନିର୍ବୋଧତା ହେବା ଠିକ୍ ନୁହେଁ । ମୁଁ ନିଶ୍ଚିତ ଯେ ହଜ୍‌ରତ୍ ଇସା ଆ:ସଙ୍କ ଶିକ୍ଷାରେ ମଧ୍ୟ କିଛି ଏପରି ଶିକ୍ଷା ଦିଆଯାଇଥିଲା ଯେ......... ସେ ଏହିଭଳି ନମ୍ରତାପୂର୍ଣ୍ଣ ଶିକ୍ଷା ଦେଇଥିବା ସତ୍ୱେ ମଧ୍ୟ ଇହୁଦୀମାନେ ତାଙ୍କୁ ନିଶ୍ୱାସ ମାରିବାକୁ ଦେଉନଥିଲେ । ସେ ସମୟରେ ଯେଉଁ ପରିସ୍ଥିତି ଥିଲା ତାହା ଇଞ୍ଜିଲ୍‌ର ଶିକ୍ଷାକୁ ଆବଶ୍ୟକ କରୁଥିଲା । ବର୍ତମାନ ଆମ ଯମାତ୍‌ର ଅବସ୍ଥା ମଧ୍ୟ ଊଣା ଅଧିକେ ସେହିପରି ରହିଛି କଣ ତୁମେ ଏହା ଦେଖୁନାହଁ ଯେ ମାର୍ଟିନ କ୍ଲାର୍କ ନାମକ ଜଣେ ଇସାଇ ମୋ ବିରୁଦ୍ଧରେ ଆଣିଥିବା ମୋକଦ୍ଦମାରେ ମୁହମ୍ମଦ ହୁସୈନ୍ ତା ସପକ୍ଷରେ ସାକ୍ଷ୍ୟ ଦେଇଛନ୍ତି । ତେଣୁ ଏବେ ଜାଣିରଖ ଯେ ଏବେ ଆମେ ନିଜ ଲୋକଙ୍କଠାରୁ ମଧ୍ୟ କିଛି ଆଶା କରିପାରିବା ନାହିଁ । ସରକାରଙ୍କୁ ମଧ୍ୟ ଆମ ବିରୁଦ୍ଧରେ ଉସୁକା ଯାଉଅଛି ଓ ସରକାର ମଧ୍ୟ କିଛି ମାତ୍ରାରେ ଅକ୍ଷମ । ଯଦି ସରକାର ମୋ ବିଷୟରେ ଖରାପ ଧାରଣା ରଖେ, କାରଣ ସେ ସର୍ବଜ୍ଞ ନୁହନ୍ତି । ତେଣୁ ଆମକୁ ଅଧିକାଂଶ ସମୟ ସରକାରଙ୍କୁ ସ୍ମାରକ ପତ୍ର ଦେଇ ଆମ ପରିସ୍ଥିତି ବିଷୟରେ ଅବଗତ କରିବାକୁ ପଡୁଚି ଯଦ୍ୱାରା ସେ ପ୍ରକୃତ ଏବଂ ସଚ୍ଚୋଟ ତଥ୍ୟ ବିଷୟରେ ଜାଣିପାରିବେ ଯେ ପ୍ରକୃତ ଘଟଣା କଣ । ଏହିଭଳି ପରୀକ୍ଷା ଓ ବିପତିପୂର୍ଣ୍ଣ ଦିନଗୁଡ଼ିକରେ ନିଜ ମନକୁ ବଶୀଭୁତ କରି ଧର୍ମପରାୟଣତାର ମାର୍ଗ ଗ୍ରହଣ କରନ୍ତୁ । ମୋ କହିବାର ଅଭିପ୍ରାୟ ଏହିକି ଯେ ତୁମେ ମୋ ଉପଦେଶ ଉପରେ ପାଳନ କରି ସେଥିରୁ ଜ୍ଞାନ ହାସଲ କର । ଏ ଦୁନିଆ ହେଉଛି ଅସ୍ଥାୟୀ ବାସସ୍ଥାନ । ଶେଷରେ ସମସ୍ତେ ମରିବେ । ତେଣୁ ଧର୍ମ କଥାରେ ଆମେ ଖୁସି ହେବା ଉଚିତ । ଆସଲ ଉଦ୍ଦେଶ୍ୟ ହେଉଛି ଧର୍ମ ଆହରଣ କରିବା । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୯୩-୧୯୪ ପ୍ରକାଶନ୨୦୧୮ କାଦିୟାନ)***

**କେବଳ ଇସ୍‌ଲାମ୍ ହିଁ ଏପରି ଏକ ଧର୍ମ ଯିଏ ମହିଳାମାନଙ୍କ ମାନବିକତାକୁ ସ୍ୱତନ୍ତ୍ରରୂପେ ପ୍ରମୁଖ କରି ଦେଖାଉଛି ଏବଂ ରସୁଲେ କରିମ୍ ସ:ଆ:ସ ହିଁ ହେଉଛନ୍ତି ସେହି ପ୍ରଥମ ବ୍ୟକ୍ତି ବିଶେଷ ଯିଏ ମହିଳାମାନଙ୍କ ନିମନ୍ତେ ଜଣେ ମନୁଷ୍ୟ ଦୃଷ୍ଟିକୋଣରୁ ସମାନ ଅଧିକାର ପ୍ରଦାନ କରିଛନ୍ତି**

ସୟଦନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି: ***ଓ୍ୱଲହୁନ୍ନା ମିସ୍‌ଲୁଲ୍ ଲଜ୍ଜି ଆଲୈହିନ୍ନା ବିଲ୍‌ମାରୁଫି*** ଆୟତରେ ଏହି ସର୍ବସାଧାରଣ ନିୟମକୁ ଅଲ୍ଲାଃ ତାଲା ବତାଇ ଦେଇଛନ୍ତି ଯେ ଜଣେ ମଣିଷ ହୋଇଥିବ ଦୃଷ୍ଟିକୋଣରୁ ପୁରୁଷ ଏବଂ ମହିଳାମାନଙ୍କ ଅଧିକାର ସମାନ ଅଟେ । ଯେଉଁଭଳି ମହିଳାମାନଙ୍କ ପାଇଁ ଏହା ଜରୁରୀ ଅଟେ ଯେ ସେମାନେ ପୁରୁଷମାନଙ୍କ ଅଧିକାର ପ୍ରତି ଧ୍ୟାନ ଦିଅନ୍ତୁ ସେହିଭଳି ପୁରୁଷମାନଙ୍କ ପାଇଁ ଏହା ଜରୁରୀ ଅଟେ ଯେ ସେମାନେ ମହିଳାମାନଙ୍କ ଅଧିକାର ପ୍ରଦାନ କରନ୍ତୁ । ଏ ବାବଦରେ କୌଣସି ପ୍ରକାରର ଅଶୋଭନୀୟ ମାର୍ଗ ଗ୍ରହଣ ନ କରନ୍ତୁ ।

ରସୁଲେ କରିମ୍ ସ:ଆ:ସଙ୍କ ଆଗମନ ପୂର୍ବରୁ ମହିଳାମାନଙ୍କର କୌଣସି ଅଧିକାର ପ୍ରତି କର୍ଣ୍ଣପାତ କରାଯାଉନଥିଲା ବରଂ ସେମାନଙ୍କୁ ଧନସମ୍ପତି ପରି ଗୋଟିଏ ଚଳପ୍ରଚଳ ହେଉଥିବା ସମ୍ପତି ରୂପେ ବିବେଚନା କରାଯାଉଥିଲା ଏବଂ ତା'ର ଜନ୍ମ କେବଳ ପୁରୁଷର ଖୁସିର କାରଣ ରୂପେ ଅଭିହିତ କରାଯାଉଥିଲା ଏପରି କି ଖ୍ରୀଷ୍ଟିଆନମାନେ, ଯେ ନିଜକୁ ମହିଳାମାନଙ୍କ ଅଧିକାର ପ୍ରତି ବଡ଼ ସମର୍ଥକ ବୋଲାଉଛନ୍ତି, ସେମାନଙ୍କ ପବିତ୍ର ଗ୍ରନ୍ଥରେ ମଧ୍ୟ ମହିଳାମାନଙ୍କ ସମ୍ବନ୍ଧରେ ଏକଥା ଉଲ୍ଲେଖ ରହିଛି: "ସୁତରାଂ ପୁରୁଷମାନଙ୍କୁ ନିଜର ମୁଣ୍ଡ ଢ଼ାଙ୍କିବା ଉଚିତ ନୁହେଁ କାରଣ ସେ ଈଶ୍ୱରଙ୍କ ରୂପ ଓ ତାହାଙ୍କ ପ୍ରତାପ ଅଟେ କିନ୍ତୁ ମହିଳା ହେଉଛନ୍ତ ପୁରୁଷଙ୍କ ପ୍ରତାପ ।" (କ୍ରନ୍ଥିଉଁ ବାବ୍-୧୧, ଆୟତ ନଂ-୭) । ସେହିଭଳି ଏହା ମଧ୍ୟ ଲେଖା ରହିଛି: "ଏବଂ ମୁଁ ଅନୁମତି ଦେଉନାହିଁ ଯେ ମହିଳା ଶିଖାନ୍ତୁ ।" (ତମାତାଉସ୍ ବାବ୍-୨, ଆୟତ ନଂ-୧୨)

କେବଳ ଇସ୍‌ଲାମ୍ ହିଁ ଏପରି ଏକ ଧର୍ମ ଯିଏ ମହିଳାମାନଙ୍କ

## ନବୀ ସ:ଆ:ସଙ୍କ ବାଣୀ

✲ ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ: ଯେବେ ଇମାମ୍ **ଗୈରିଲ୍ ମଗ୍‌ଜୁବି ଆଲୈହିମ୍ ଓ୍ୱଲଜ୍ ଜ୍ୱାଲ୍ଲିନ୍** କହିବେ ସେତେବେଳେ ତୁମେମାନେ ଆମିନ୍ କୁହ । ଯାହାର ବଚନ ଫରିସ୍ତାମାନଙ୍କ ବଚନ ସହିତ ମିଶିଯିବ, ତା'ର ଯେଉଁ ସମସ୍ତ ପାପ ଅଛି ତାହାସବୁ କ୍ଷମା ହୋଇଯିବ ।

✲ ହଜ୍‌ରତ୍ ଅବୁବକର ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ସେ ନବୀ କରିମ୍ ସ:ଆ:ସଙ୍କ ନିକଟରେ ଏମିତି ସମୟରେ ପହଂଚିଲେ, ଯେତେବେଳେ ଆପଣ ସ:ଆ:ସ ରୁକୁ ଅବସ୍ଥାରେ ଥିଲେ, ତେଣୁ ସେ ଧାଡ଼ିରେ (ସଫ୍‌ରେ) ସାମିଲ ହେବା ପୂର୍ବରୁ ରୁକୁ କରିଦେଲେ ଓ ଏକଥା ନବୀ ସ:ଆ:ସଙ୍କୁ କହିଲେ । ଏଥିରେ ଆପଣ ସ:ଆ:ସ କହିଲେ: ଅଲ୍ଲାଃ ଆପଣଙ୍କୁ ପୂଣ୍ୟକର୍ମ ପ୍ରତି ଥିବା ଲୋଲୁପତାକୁ ଆହୁରି ଅଧିକ ବଢ଼ାନ୍ତୁ କିନ୍ତୁ ଏଭଳି ଆଉ କରିବ ନାହିଁ ।

(ହଜ୍‌ରତ୍ ସୟଦ୍ ଜଇନୁଲ୍ ଆବେଦିନ୍ ଓ୍ୱଲିୟଲ୍ଲାଃ ଶାହ୍ ସାହେବ୍ ର:ଅ ଏହି ହଦିସ୍‌ର ବ୍ୟାଖ୍ୟାରେ କହିଛନ୍ତି: ଇମାମ୍ ମାଲିକ ସମେତ ଅନେକ ଧର୍ମଶାସ୍ତ୍ରୀ ଏକଥାକୁ ଉଚିତ ମଣନ୍ତି ଯେ ଯଦି ମସ୍‌ଜିଦ୍ ରେ ପ୍ରବେଶ କରିଥିବା ବ୍ୟକ୍ତି ଏକଥା ଜାଣିବାକୁ ପାଏ ଯେ ସଫ୍‌ରେ ସାମିଲ ହେବା ପର୍ଯ୍ୟନ୍ତ ଇମାମ୍ ରୁକୁରୁ ଉଠିପଡ଼ିବ ତେବେ ସେ ଯେଉଁଠାରେ ଅଛି ସେଠାରେ ରୁକୁ କରିନେଉ । ପୁଣି ଏହିଭଳି ଅବସ୍ଥାରେ ଯାଇ ସଫ୍ (ଧାଡ଼ି)ରେ ମିଶିଯାଉ । ଇମାମ୍ ଶାଫିଇ ରହେମୁଲ୍ଲାଃ ତାଲା ଏହାକୁ ଠିକ୍ ଭାବନ୍ତି ନାହିଁ । ଇମାମ୍ ଅବୁ ହନିଫା ରହେମୁଲ୍ଲାଃ ତାଲା ଏହାକୁ ଏକୁଟିଆ ଲୋକ ପାଇଁ ଅନୁଚିତ ଭାବନ୍ତି କିନ୍ତୁ ଯଦି ଏକରୁ ଅଧିକ ଲୋକଥିବେ, ତେବେ ତାଙ୍କ ନିକଟରେ ଏପରି କରିବା ଉଚିତ ହେବ । ଉପର ବର୍ଣ୍ଣିତ ହଦିସ୍‌ରୁ ଇମାମ୍ ଶାଫିଇଙ୍କ ଏହାକୁ ଅନୁଚିତ ଜାଣୁଛନ୍ତି । ଇମାମ୍ ଅବୁ ହନିମା ଜଣକିଆ ବ୍ୟକ୍ତିଙ୍କ ପାଇଁ ଏହାକୁ ଅନୁଚିତ ଜାଣୁଛନ୍ତି କିନ୍ତୁ ଯଦି ଏକ ରୁ ଅଧିକ ଲୋକ ଅଛନ୍ତି ତେବେ ତାଙ୍କ ନିକଟରେ ଏହା ଏପରି କରିବା ଠିକ୍ ଅଛି । ଉପରେ ବର୍ଣ୍ଣିର୍ତ ହଦିସ୍‌ରୁ ଇମାମ୍ ଶାଫିଇଙ୍କ ମତକୁ ସମର୍ଥନ ମିଳୁଅଛି, ନବୀ କରିମ୍ ସ:ଆ:ସ ହଜ୍‌ରତ୍ ଅବୁବକର ର:ଅଙ୍କ ଆଗ୍ରହକୁ ପ୍ରଶଂସା କଲେ ଓ ଦୁଆ କଲେ କିନ୍ତୁ ଆସନ୍ତାକୁ ଏପରି କରିବା ପାଇଁ ମନା କଲେ । କାରଣ ନମାଜରେ ସ୍ଥିରଚିତ ଏବଂ ଧ୍ୟାନ ଅତ୍ୟନ୍ତ ଜରୁରୀ ଅଟେ ଏବଂ ଏପରି କର୍ମ ସେହି କଥାର ଓଲଟା ଅଟେ) ।

***(ସହି ବୁଖାରୀ ଖଣ୍ଡ-୨, କିତାବୁଲ୍ ଅଜାନ୍ ମୁଦ୍ରଣ କାଦିୟାନ୍ ୨୦୦୬)***

ମାନବିକତାକୁ ସ୍ୱତନ୍ତ୍ରରୂପେ ପ୍ରମୁଖ କରି ଦେଖାଉଛି ଏବଂ ରସୁଲେ କରିମ୍ ସ:ଆ:ସ ହିଁ ହେଉଛନ୍ତି ସେହି ପ୍ରଥମ ବ୍ୟକ୍ତି ବିଶେଷ ଯିଏ ମହିଳାମାନଙ୍କ ନିମନ୍ତେ ଜଣେ ମୁନଷ୍ୟ ଦୃଷ୍ଟିକୋଣରୁ ସମାନ ଅଧିକାର ପ୍ରଦାନ କରିଛନ୍ତି ଏବଂ ***ୱଲହୁନ୍ନା ମିସ୍‌ଲୁଲ୍ ଲଜ୍ଜି ଆଲୈହିନ୍ନା ବିଲ୍‌ମାରୁଫି*** ର ଭାବାର୍ଥକୁ ଲୋକମାନଙ୍କ ମନରେ ଭଲଭାବେ ହେଜ କରାଇଛନ୍ତି । ଆପଣ ସ:ଆ:ସଙ୍କ ବାଣୀରେ ମହିଳାମାନଙ୍କ ସହିତ ସଦ୍‌ବ୍ୟବହାର, ସେମାନଙ୍କ ଅଧିକାର ଏବଂ ଯୋଗ୍ୟତା ସମ୍ବନ୍ଧରେ ଯେତେମାତ୍ରାରେ ଉପଦେଶାବଳୀ ମିଳୁଛି, ତାହାର ଦଶଭାଗରୁ ଭାଗେ ମଧ୍ୟ ଅନ୍ୟ କୌଣସି ଧର୍ମର ପ୍ରତିଷ୍ଠାତାଙ୍କ ଶିକ୍ଷାରେ ମିଳେନାହିଁ । ଆଜି ସାରା ଦୁନିଆରେ ଏ ସ୍ୱର ଉତୋଳନ କରାଯାଉଛି ଯେ ମହିଳାମାନଙ୍କୁ ସେମାନଙ୍କ ଅଧିକାର ଦେବା ଉଚିତ । କେତେକ ପ୍ରାଶ୍ଚାତ୍ୟପ୍ରେମୀ ଯୁବକମାନେ ତ ଏକଥା କହିଦେଉଛନ୍ତି ଯେ ମହିଳାମାନଙ୍କୁ ଇସାଇୟତ୍ ହିଁ ଅଧିକାର ଦେଇଛି । ଯେବେ କି ମହିଳାମାନଙ୍କ ଅଧିକାର ସମ୍ବନ୍ଧରେ ଇସ୍‌ଲାମ୍ ଯେଉଁ ବ୍ୟାପକ ଶିକ୍ଷା ଦେଉଅଛି, ଇସାଇୟତ୍ ର ଶିକ୍ଷା ତାହାର ପାସଙ୍ଗରେ ମଧ୍ୟ ପଡ଼ିବ ନାହିଁ ।

ଆରବରେ ଏ ପ୍ରଥା ପ୍ରଚଳନ ଥିଲା ଯେ ୱିର୍‌ସା (ଉତରାଧିକାର)ରୂପେ ନିଜ ମାଆମାନଙ୍କୁ ମଧ୍ୟ ବାଂଟିଦେଉଥିଲେ କିନ୍ତୁ ଇସ୍‌ଲାମ୍ ଖୁଦ୍ ମହିଳାମାନଙ୍କୁ ଉତରାଧିକାରୀ ରୂପେ ଅଭିହିତ କରିଛି । ପତ୍ନୀକୁ ସ୍ୱାମୀର, ଭଉଣୀକୁ ବାପାର ଏବଂ କେତେକ କ୍ଷେତ୍ରରେ ଭଉଣୀକୁ ଭାଇ ର ଉତରାଧିକାରୀ ମଧ୍ୟ କରିଛି ।

ଅତଏବ୍ ଏ ନିର୍ଦ୍ଦେଶ ରହିଛି ***ୱଲ୍‌ହୁନ୍ନା ମିସ୍‌ଲୁଲ୍ ଲଜ୍ଜି ଆଲୈହିନ୍ନା*** ଅର୍ଥାତ: ଯେଉଁଠି ମଣିଷର ଅଧିକାର କଥା ପ୍ରଶ୍ନ ଉଠୁଛି ସେଠି ମହିଳାମାନଙ୍କୁ ମଧ୍ୟ ସେହିପରି ଅଧିକାର ପ୍ରାପ୍ତ ହୋଇଛି ଯେପରି ପୁରୁଷମାନଙ୍କୁ । ଏହି ଦୁହିଁଙ୍କ ମଧ୍ୟରେ କିଛି ପ୍ରଭେଦ ନାହିଁ । ଅଲ୍ଲାଃ ତାଲା ଯେଉଁଭଳି ପୁରୁଷ ଓ ମହିଳାମାନଙ୍କୁ ସମାନ ନିର୍ଦ୍ଦେଶାବଳୀ / ଉପଦେଶ ଦେଇଛି ସେହିଭଳି ପୁରସ୍କାର ପାଇବାରେ ମଧ୍ୟ ସମଭାଗୀ କରିଛି । ଯେଉଁସବୁ ପୁରସ୍କାରର ଅଧିକାରୀ ପୁରୁଷମାନେ ହେବେ, ଇସ୍‌ଲାମୀୟ ଶିକ୍ଷା ଅର୍ନ୍ତଗତ କୟାମତ୍ ଦିନ ସେହି ସମସ୍ତ ପୁରସ୍କାରମାନ ମଧ୍ୟ ମହିଳାମାନଙ୍କୁ ମିଳିବ । ସୁତରାଂ ଅଲ୍ଲାଃ ତାଲା ନା ତ ଏ ଦୁନିଆରେ ସେମାନଙ୍କର କୌଣସି ଅଧିକାରକୁ କ୍ଷୁର୍ଣ୍ଣ କରିଛି ଓ ନା ଆରପାରିରେ ସେମାନଙ୍କୁ କୌଣସି ପୁରସ୍କାରରୁ ବଂଚିତ ରଖିଛି ।

⌘⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

| | |
|---|---|
| Atiya Kausar | Masters in History |
| Rizwana Ejaz | Masters in Urdu |
| Shafiqa Ishtiaq | Master in Foreigner Languages International Relation and Comparisons |
| Azka Ghulam | Masters in Management |
| Qudusia Aalam | Masters in Education |
| Asima Naseer | Masters in Education |
| Bushra Salaam | Masters in Physics |
| Sana Suhail | Masters in Psychology |
| Mariyam Nasir | Masters in Electrical Engineering |
| Hibatul Noor Mariyam | Masters in Material Science |
| Mahwash Hafiz | Masters in Education |
| Mahjabin Hafiz | Masters in Private Law |
| Duriah Malik | Diploma of Architext of Interior/Enviornmental Designer |
| Nida Naseer | Masters in Education |
| Jauria Khan | Masters in Accountancy, Control and Audit |
| Nida Nasir | Masters in English |
| Maimuna Khan | Masters in Biology |
| Madiha Chawdhry | Phd General Medicine |
| Sanober Khan | Phd General Medicine |
| Mamode Hossen Karina | Masters in Tourism |
| Rabia Bin Awes | A-Level Science |
| Nadiya Anjum | A-Level |
| Haniya Afzal | Masters in Educational Science |
| Basma Chawdhry | Masters |

ତାଲିମି ଆୱାର୍ଡ଼ ବଂଟନ ପରେ ହଜୁର ଅନଓ୍ୱର ଅ:ବ:ଅ ଠିକ୍ ଦିନ ୧:୦୦ରେ ଅଭିଭାଷଣ ପ୍ରଦାନ କଲେ ।

**୫ ଅକ୍ଟୋବର ୨୦୧୯ ଶନିବାରର ବଲକାଅଂଶ ମହିଳାମାନେ ଇଜ୍‌ଲାସ୍‌ରୁ ହଜୁରଙ୍କର ଅଭିଭାଷଣ**

ତଶହୁଦ୍, ତଉଜ ଏବଂ ସୁରଃ ଫାତିହାର ତିଲାୱତ ପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯେମିତି କି ମୁଁ କାଲି ଖୁତ୍‌ବାରେ ଏକତା କହିଥିଲି ଯେ ଆଜିକାଲି ଦୁନିଆ ବହୁତ କ୍ଷିପ୍ର ଗତିରେ ନିଜର ଈଶ୍ୱରଠାରୁ ଦୁରେଇ ଯାଉଅଛି । ଏକ ବହୁତ ବଡ଼ ସଂଖ୍ୟା ନା କେବଳ ଧର୍ମରୁ ଦୁରେଇ ଯାଇଛି ବରଂ ଖୁଦାତାଲାଙ୍କ ଅସ୍ତିତ୍ୱକୁ ମଧ୍ୟ ମାନୁନାହିଁ । ଏହି ପରିବେଶରେ ରହି, ଯେଉଁଠି ଦୁନିଆର ଆସବାବକୁ ସବୁକିଛି ଭାବି ନିଆଯାଉଅଛି । ତେଣୁ ଆମ ମଧ୍ୟରୁ କେତେକ ଏପରି ଅଛନ୍ତି ଯେଉଁମାନେ ଏହି ପରିବେଶର ଅଧିନ ହୋଇଯାଇଛନ୍ତି । ସେଥିରେ ବଡ଼ ଲୋକ, ପିଲା ଓ ଯୁବକ ମଧ୍ୟ ସାମିଲ ଅଛନ୍ତି । ଏହି ଭଳି ପରିବେଶରେ ଆମର ବହୁତ ବଡ଼ ଦାୟିତ୍ୱ ଏହା କି ନିଜର ଅବସ୍ଥା ଉପରେ ଧାନ ରଖିବା ନିଜକୁ ଏହି ପରିବେଶରୁ ବଂଚାଇ ରଖିବା ଏବଂ ଏହି ପରିବେଶରେ ରହି ଖୁଦାତାଲାଙ୍କ ନିକଟତର ହେବା ପାଇଁ ଚେଷ୍ଟା କରିବା । ସେହିଭଳି ନିଜ ପିଲାମାନଙ୍କୁ ମଧ୍ୟ ଖୁଦାଙ୍କ ନିକଟତର କରିବା ପାଇଁ ଚେଷ୍ଟା କରିବା । ନିଜକୁ ଏ ସାଂସାରିକ ମାୟାମୋହରୁ ବଂଚାନ୍ତୁ । ପିଲାମାନଙ୍କ ସମ୍ମୁଖରେ ନିଜର ଏପରି ଆଦର୍ଶ ପ୍ରତିଷ୍ଠା କରନ୍ତୁ ଯେ ପିଲାମାନେ ବଡ଼ମାନଙ୍କୁ ଅନୁସରଣ କରି ଧର୍ମ ମାର୍ଗରେ ଆଗକୁ ଆଗକୁ ବଢ଼ିବେ । ସେହି ମାର୍ଗ ଯାହା ଖୁଦାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଆଣିଥାଏ, ଖୁଦାଙ୍କ ପ୍ରେମକୁ ଟାଣି ଆଣିଥାଏ ଏବଂ ପରକାଳକୁ ମଧ୍ୟ ସୁଧାରି ଥାଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯେଉଁଠି ପୁରୁଷମାନଙ୍କର ଏ କର୍ତବ୍ୟ ଯେ ନିଜର ଆଦର୍ଶକୁ ସେମାନେ ସ୍ଥାପନ କରିବେ ଏବଂ ବହୁତ ସତର୍କତା ଅବଲମ୍ବନ କରି ଏହି ଭୌତିକ ସଂସାରର ଚମକପୂର୍ଣ୍ଣ ଜୀବନକୁ ବିତାଇବେ ସେଠାରେ ମହିଳାମାନଙ୍କର ଏ କର୍ତବ୍ୟ ଯେ ପିଲାମାନଙ୍କର ଉତମ ସଂସ୍କାର ଓ ଲାଳନପାଳନ କରିବେ । ଏହି ଦାୟିତ୍ୱ ଅଲ୍ଲାଃ ତାଲା ଓ ତାହାଙ୍କ ରସୁଲ ମହିଳାମାନଙ୍କଠାରେ ନ୍ୟସ୍ତ କରିଛନ୍ତି । ଯଦି ଆମ ମହିଳାମାନେ ଈଶ୍ୱରଙ୍କୁ ପ୍ରେମ କରୁଥିବେ ଏବଂ ଈଶ୍ୱର ଭୟ ମନ ଭିତରେ ରଖିଥିବେ ତେବେ ସେମାନଙ୍କୁ ନିଜର ସନ୍ତାନ ଓ ଆସନ୍ତା ପିଢ଼ିକୁ ସମ୍ଭାଳିବା ପାଇଁ ଏହି ପରିବେଶରେ ବହୁତ ପରିଶ୍ରମ କରିବାକୁ ହେବ । ୱକ୍‌ଫେ ନୌରେ ବହୁତ ମାଆ ମାନେ ନିଜ ପିଲାଙ୍କ ପେଶ୍ କରି ଦେଇଛନ୍ତି । ତେଣୁ ସେମାନଙ୍କର ତର୍‌ବିୟତ୍ (ସଂସ୍କାର) କରିବାର ଦାୟିତ୍ୱ ମଧ୍ୟ ସେମାନଙ୍କର ରହିଛି । କିନ୍ତୁ ଯଦି ପ୍ରତ୍ୟେକ ପିଲାର ତର୍‌ବିୟତ୍ ପ୍ରତି ଧାନ ନାହିଁ, ୱକ୍‌ଫେ ନୌ ଓ ଗୈର୍ ୱକ୍‌ଫେ ନୌ, ପ୍ରତ୍ୟେକ ପିଲା ପ୍ରତି ନଜର ନାହିଁ ତେବେ କୌଣସି ଗୋଟିଏ ପିଲାର ତର୍‌ବିୟତ୍‌ରେ ଖରାପ ପ୍ରଭାବ ପଡ଼ିବ ୱକ୍‌ଫେ ନୌ ପିଲାର ତର୍‌ବିୟତ୍ ଠିକ୍ ହେବନାହିଁ ବା ଗୈର୍ ୱକ୍‌ଫେ ନୌ ପିଲାର ତର୍‌ବିୟତ୍ ଠିକ୍ ହେବନାହିଁ । ତେଣୁ ଏହା ବୁଝିବା ଠିକ୍ ନୁହେଁ ଯେ କେବଳ ୱକ୍‌ଫେ ନୌ ପିଲାର ଖିଆଲ ରଖିବା ବା କେବଳ ପୁଅ ପିଲାଙ୍କର ଧାନ ରଖିବା ତଥା କେବଳ ଝିଅ ପିଲାଙ୍କୁ ଶାସନ କରିବା । କେତେକ ମାଆମାନେ ପୁଅମାନଙ୍କ ପ୍ରତି ଅଧିକ ଧାନ ଦେଇଥାନ୍ତି ବା କେତେକ ମାଆମାନେ ଏପରି ଅଛନ୍ତି ଯେଉଁମାନେ ପୁଅ ପିଲାମାନଙ୍କୁ ଅଧିକ ଗେଲବସର କରିଥାନ୍ତି ଓ ଝିଅମାନଙ୍କୁ ଆକଟ କରିଥାନ୍ତି । ଯଦି ତର୍‌ବିୟତ୍‌ରେ ଏଭଳି ପ୍ରଭେଦ ତେବେ କୌଣସି ନା କୌଣସି ପିଲା ବିଗିଡ଼ି ଯିବ ।

***କ୍ରମଶଃ......***

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ  ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ମକ୍କାର ଲୋକମାନେ ବିଲାଲ ର:ଅଙ୍କ ଗୋଡ଼ରେ ରସି ବାନ୍ଧି ଗଳି କନ୍ଦିରେ ଘୋଷାରୁ ଥିଲେ । ମକ୍କାର ଗଳିକନ୍ଦି, ମକ୍କାର ପଡ଼ିଆ ବିଲାଲଙ୍କ ପାଇଁ ଅମନ (ସୁରକ୍ଷା)ର ସ୍ଥାନ ନଥିଲା ବରଂ ଦଣ୍ଡ, ତିରସ୍କାର ଏବଂ ଥଟ୍ଟା ପରିହାସର ସ୍ଥାନ ଥିଲା ।**

**ଯେବେ ମକ୍କା ବିଜୟ ହେଲା, ସେତେବେଳେ ରସୁଲେ କରିମ୍ ସ:ଆ:ସ ବିଲାଲ୍ ର:ଅଙ୍କ ହାତରେ ଗୋଟିଏ ଧ୍ୱଜା ଧରାଇ ଏ ଘୋଷଣା କରାଇଦେଲେ ଯେ ହେ ମକ୍କାର ସର୍ଦ୍ଦାରମାନେ ! ଯଦି ଏବେ ତୁମେ ନିଜର ଜୀବନ ରକ୍ଷା କରିବାକୁ ଚାହୁଁଅଛୁ ତେବେ ବିଲାଲ୍ ର:ଅଙ୍କ ଧ୍ୱଜା ତଳେ ଆସି ଛିଡ଼ା ହୋଇଯାଅ । ଅର୍ଥାତ ସେହି ବିଲାଲ୍ ଯାହାଙ୍କ ଛାତିରେ ମକ୍କାର ବଡ଼ ବଡ଼ ସର୍ଦ୍ଦାର ନାଚୁଥିଲେ, ତାହାଙ୍କ ସମ୍ମୁଖରେ ରସୁଲେ କରିମ୍ ସ:ଆ:ସ ମକ୍କାର ଅଧିବାସୀମାନଙ୍କୁ ବତାଇଲେ ଯେ ଯଦି ଆଜି ତୁମର ଜୀବନ ରକ୍ଷା ହୋଇପାରେ ତେବେ ଏହାର ଏକମାତ୍ର ମାର୍ଗ ହେଉଛି ତୁମେମାନେ ବିଲାଲ୍ ର:ଅଙ୍କ ଦାସତ୍ୱରେ ଆସିଯାଅ ।**

**ବଳିଦାନ ଦେବାକୁ ପଡ଼ିଥାଏ, ତା'ପରେ ଯାଇ ଏପରି ପଦମର୍ଯ୍ୟାଦା ମିଳିଥାଏ । ଇସ୍‌ଲାମୀୟ ଶିକ୍ଷାର ଏହା ସୌନ୍ଦର୍ଯ୍ୟ ଯେ, ଯେଉଁମାନେ ବଳିଦାନ ଦେଇଛନ୍ତି, ଯେଉଁମାନେ ପ୍ରାରମ୍ଭରେ ନିଷ୍ପାପର ହୋଇ ବଳିଦାନ ଦେଇଛନ୍ତି, ସେମାନଙ୍କର ପଦମର୍ଯ୍ୟାଦା ବହୁତ ଉଚ୍ଚା । ସେ ହବ୍‌ଶି ଗୁଲାମ୍ (ଦାସ) ହେଉ ବା ଅନ୍ୟ କୌଣସି ଗୁଲାମ ହେଉ ।**

**ଏହା ଏପରି ପ୍ରତିଶୋଧ ଥିଲା ଯାହା ୟୁସୁଫ୍‌ଙ୍କ ପ୍ରତିଶୋଧଠାରୁ ମଧ୍ୟ ଉତ୍କୃଷ୍ଟତର ଥିଲା । ଏଥିପାଇଁ କି ୟୁସୁଫ୍ ନିଜ ବାପାଙ୍କ ଖାତିର୍ ନିଜ ଭାଇମାନଙ୍କୁ କ୍ଷମା କରିଦେଇଥିଲେ । ଯାହାଙ୍କ ପାଇଁ କଲେ ସେ ତାଙ୍କ ବାପା ଥିଲେ ଓ ଯାହାଙ୍କୁ କଲେ, ସେମାନେ ତାଙ୍କ ଭାଇମାନେ ଥିଲେ । କିନ୍ତୁ ମୁହମ୍ମଦ ସ:ଆ:ସ ନିଜ ଚାଚା ଓ ଭାଇମାନଙ୍କୁ ଜଣେ ଗୁଲାମ୍‌ର ଯୋତା ଖାତିର୍ କ୍ଷମା କରିଦେଲେ । ତେଣୁ ୟୁସୁଫ୍‌ଙ୍କ ପ୍ରତିଶୋଧ ଏହା ମୁକାବିଲାରେ କଣ ସ୍ଥାନ ରଖିଛି ।**

**ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଲେ- ଯିଏ ନମାଜକୁ ଭୁଲବସତଃ ଛାଡ଼ିଦିଏ, ତେବେ ଯେତେବେଳେ ତା'ର ମନେ ପଡ଼ିଯିବ, ସେ ତାକୁ ପଢ଼ିନେବା ଉଚିତ । କାରଣ ମଙ୍ଗଳମୟ ଈଶ୍ୱର କହିଛନ୍ତି ଯେ ନମାଜକୁ ମୋର ସ୍ମରଣ ନିମନ୍ତେ ପାଠ କର ।**

**ଥରେ ରସୁଲେ କରିମ୍ ସ:ଆ:ସ ସ୍ୱପ୍ନରେ ହଜ୍‌ରତ୍ ବିଲାଲ୍ ର:ଅଙ୍କ ନିକଟକୁ ଆସି କହିଲେ ହେ ବିଲାଲ୍ ! ତୁମେ ଆମ୍ଭକୁ ଭୁଲିଗଲଣି । ଆମ କବରସ୍ଥଳୀ ନିକଟକୁ ପରିଦର୍ଶନ ପାଇଁ କେବେ ଆସିଲ ନାହିଁ ଯେ ! ସେ ସେହିକ୍ଷଣି ଯାତ୍ରା କରି ମଦିନା ଚାଲିଗଲେ ।**

**ରସୁଲୁଲ୍ଲାଃ ସ:ଆ:ସଙ୍କ ମୁଅଜ୍ଜନ, ହବ୍‌ଶିମାନଙ୍କ ମଧ୍ୟରୁ ସର୍ବପ୍ରଥମେ ବିଶ୍ୱାସ ଆଣିଥିବା, ବୈକୁଣ୍ଠବାସୀ ମହାନ୍ ବଦ୍‌ରି ସାହାବି ହଜ୍‌ରତ୍ ବିଲାଲ୍ ବିନ୍ ରବାହ ର:ଅଙ୍କ ଉତମ ଗୁଣାବଳୀର ଚର୍ଚ୍ଚା**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ତ: ୧୮ ସେପ୍ଟେମ୍ବର ୨୦୨୦ ଅନୁଯାୟୀ ୧୮ ତବୁକ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ

أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ବଦରୀ ସାହାବାଙ୍କ ଜୀବନୀ ଚର୍ଚ୍ଚାରେ ଗତ ଖୁତ୍‌ବାରେ ହଜ୍‌ରତ୍ ବିଲାଲ୍ ର:ଅଙ୍କ ଚର୍ଚ୍ଚା ଚାଲିଥିଲା ଯାହାର କିଛି ଅଂଶ ରହିଯାଇଥିଲା ତାହା ମୁଁ ବର୍ତମାନ ବର୍ଣ୍ଣନା କରିବି ।

ହଜ୍‌ରତ୍ ଅବୁ ହୁରୈରା ର:ଅ ବର୍ଣ୍ଣନା କରନ୍ତି: ଯେତେବେଳେ ହଜୁର ସ:ଆ:ସ ଖୈବର ଯୁଦ୍ଧରୁ ଫେରିଥିଲେ ସେତେବେଳେ ସାରା ରାତି ଯାତ୍ରା କରିବା ଫଳରେ ଆପଣଙ୍କୁ ନିଦ୍ରା ଘାରିଲା । ଫଳତଃ ଆପଣ ସ:ଆ:ସ ଗୋଟିଏ ସ୍ଥାନରେ ଅବସ୍ଥାନ କଲେ ଏବଂ ହଜ୍‌ରତ୍ ବିଲାଲ ର:ଅଙ୍କୁ କହିଲେ, ଆଜି ରାତିରେ ଆମ ନମାଜର ସୁରକ୍ଷା ଆପଣ କରିବେ ଅର୍ଥାତ ଯେତେବେଳେ ଫଜର୍ ନମାଜର ସମୟ ହେବ ସେତେବେଳେ ଆମକୁ ଜଗାଇ ଦେବେ ତା'ପରେ ହଜ୍‌ରତ୍ ବିଲାଲ ର:ଅ ନିଜ ସାମର୍ଥ୍ୟ ଅନୁଯାୟୀ ରାତ୍ରରେ ନୱାଫିଲ୍ ପାଠ କଲେ । ଅନ୍ୟପଟରେ ସାହାବା ଓ ହଜୁର ସ:ଆ:ସ ନିଦ୍ରାରେ ଚାଲିଗଲେ, ଯେତେବେଳେ ଫଜର ନମାଜର ସମୟ ହେଲା, ସେତେବେଳେ ହଜ୍‌ରତ୍ ବିଲାଲ ର:ଅ ପୂର୍ବ ଦିଗକୁ ମୁହଁ କରି ନିଜ ବାହନର ସାହାରା ନେଇ ବସି ପଡ଼ିଲେ, କିନ୍ତୁ ତାଙ୍କ ଉପରେ ନିଦ୍ରାର ଏଭଳି ଗଭୀର ପ୍ରଭାବ ବିସ୍ତାର କରିନେଇଥିଲା ଯେ, ସେମାନେ ସଭିଏଁ ଶୋଇପଡ଼ିଲେ ଏପରି କି ସୂର୍ଯ୍ୟାଲୋକ ବାହାରି ଆସିଲା ଏବଂ ସର୍ବପ୍ରଥମେ ହଜୁର ସ:ଆ:ସ ନିଜର ନିଦରୁ ଜାଗ୍ରତ ହେଲେ, ନମାଜର ସମୟ ଚାଲିଯାଇଥିବାରୁ ହଜୁର ମନସ୍ତାପ କଲେ ଏବଂ ହଜ୍‌ରତ୍ ବିଲାଲ ର:ଅଙ୍କୁ ଡ଼ାକରା ଦେଲେ, ହଜ୍‌ରତ୍ ବିଲାଲ ର:ଅ ଉଠି ଆସି କହିଲେ, ହେ ଅଲ୍ଲାଃଙ୍କ ରସୁଲ ମୋ ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ ମୋ ଆତ୍ମାକୁ ମଧ୍ୟ ସେହି ପରମସତା ଅଟକାଇ ରଖିଥିଲେ ଯେ, ଆପଣଙ୍କୁ ମଧ୍ୟ ଶୁଆଇ ଦେଇଥିଲେ ଅର୍ଥାତ ମତେ ମଧ୍ୟ ନିଦ ବଶିଭୁତ କରିନେଇଥିଲା । ହଜୁର ସ:ଆ:ସ ଆଦେଶ ଦେଲେ ଆଗକୁ ବଢ଼ ଅତଏବ ସେମାନେ ନିଜ ବାହନ ଆଗକୁ କଲେ ତା'ପରେ ହଜୁର ସେମାନଙ୍କୁ ରୋକି ଓ୍ୱଜୁ କଲେ ପୁଣି କିଛି କ୍ଷଣ ପରେ ହଜୁର ବିଲାଲଙ୍କୁ କହିଲେ, ଅକାମତ୍ କୁହ, ଏପରି ସୂର୍ଯ୍ୟ ବାହାରିବା ପରେ ମଧ୍ୟ ହଜୁର ସ:ଆ:ସ ସକାଳର ନମାଜ ପାଠ କରିଥିଲେ । ସେଥିଅନ୍ତେ ହଜୁର ସ:ଆ:ସ କହିଲେ, ଯେ କି ନମାଜ ପାଠ କରିବାକୁ ଭୁଲିଯାଏ ତେବେ ତାହାକୁ ଆବଶ୍ୟକ କି ଯେତେବେଳେ ତା'ର ମନେପଡ଼େ ସେହି କ୍ଷଣି ସେ ତାହାକୁ ପଢ଼ିନେବା ଉଚିତ କାରଣ ଐଶ୍ୱର୍ଯ୍ୟମୟ ପ୍ରଭୁ କୁହନ୍ତି ନମାଜକୁ ମୋର ପ୍ରଶଂସା ଗାନ କରିବାପାଇଁ ପାଠ କର । ***(ସୁନନେ ଇବ୍‌ନେ***

***ମାଜା, କିତାବୁସ୍ ସଲାତ୍..... ହଦିସ୍ ୬୯୭)***

ମକ୍କା ବିଜୟ ଦିନ ହଜୁର ସ:ଆ:ସ ଯେତେବେଳେ ଖାନାକାବାରେ ପ୍ରବେଶ କଲେ ସେତେବେଳେ ଆପଣଙ୍କ ସାଥିରେ ବିଲାଲ୍ ର:ଅ ମଧ୍ୟ ଥିଲେ । ହଜ୍‌ରତ୍ ଇବ୍‌ନେ ଉମର ର:ଅ ବର୍ଣ୍ଣନା କରନ୍ତି: ହଜୁର ସ:ଆ:ସ ମକ୍କା ବିଜୟ ଦିନ ଆସିଲେ ଏବଂ ହଜ୍‌ରତ୍ ଉସ୍‌ମାନ ବିନ୍ ତଲ୍‌ହା ର:ଅଙ୍କୁ ଡ଼କାଇ ପଠାଇଲେ, ଯଦ୍ୱାରା ସେ କାବାର ଦ୍ୱାର ଖୋଲିବେ, ସେଥିଅନ୍ତେ ଆପଣ ସ:ଆ:ସ ହଜ୍‌ରତ୍ ବିଲାଲ ର:ଅ, ହଜ୍‌ରତ୍ ଉସାମା ଓ ହଜ୍‌ରତ୍ ଉସ୍‌ମାନଙ୍କ ସାଥିରେ କାବା ଭିତରକୁ ପ୍ରବେଶ କଲେ ଏବଂ ଦ୍ୱାର ବନ୍ଦ କରିଦେଲେ, କିଛି କ୍ଷଣ ତାହା ଭିତରେ ରହିଲେ, ଅର୍ଥାତ କାବା ଭିତରେ ରହିଲେ । ହଜ୍‌ରତ୍ ଇବ୍‌ନେ ଉମର କୁହନ୍ତି ମୁଁ ଚଟଂଳତାର ସହ ଆଗକୁ ବଢ଼ିଲି ଶିଘ୍ର ଆଗକୁ ବଢ଼ିଲି ଏବଂ ବିଲାଲକୁ ପଚାରିଲି ଏଥିରେ ସେ କହିଲେ ଆପଣ ସ:ଆ:ସ କାବାରେ ନମାଜ ପାଠ କଲେ, କଣ ହଜୁର ସ:ଆ:ସ କାବାରେ ନମାଜ ପାଠ କରିଥିଲେ । ସେ କହିଲେ, ହଁ ମୁଁ ପୁନଶ୍ଚ ପଚାରିଲି କେଉଁଠାରେ ଅର୍ଥାତ କାବାର କେଉଁସ୍ଥଳେ । ସେ କହିଲେ, ସେହି ଦୁଇ ସ୍ତମ୍ଭ ମଧ୍ୟବର୍ତୀ ସ୍ଥାନରେ । ଇବ୍‌ନେ ଉମର୍ କୁହନ୍ତି, ମୁଁ ତାଙ୍କୁ ଏକଥା ପଚାରିବା ଭୁଲିଗଲି ଯେ, ଆପଣ ସେଠାରେ କେତେ ରେକାତ ନମାଜ ପାଠ କରିଥିଲେ । ***(ସହୀ ବୁଖାରୀ, କିତାବୁସ୍ ସଲାତ୍...... ହଦିସ୍ ୪୬୮)***

ହଜ୍‌ରତ୍ ବିଲାଲ ର:ଅ ଲୋକମାନଙ୍କୁ ପରବର୍ତୀ ସମୟରେ ଏକଥା କହୁଥିଲେ ଯେ, ହଜୁର ସ:ଆ:ସ କାବାର କେଉଁ ସ୍ଥଳେ ନମାଜ ପାଠ କରିଥିଲେ । ହଜ୍‌ରତ୍ ଇବ୍‌ନେ ଅବି ମୁଲୈକା ବର୍ଣ୍ଣନା କରନ୍ତି: ମକ୍କା ବିଜୟ ଦିନ ହଜୁର ସ:ଆ:ସ ହଜ୍‌ରତ୍ ବିଲାଲ ର:ଅଙ୍କୁ ଆଦେଶ ଦେଲେ କାବାର ଛାତ ଉପରେ ଚଢ଼ି ଅଜାନ୍ ଦିଅ ଅତଏବ ହଜ୍‌ରତ୍ ବିଲାଲ୍ କାବା ଉପରେ ଚଢ଼ିଗଲେ ଏବଂ ଅଜାନ୍ ଦେଲେ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୭........... ବେରୁତ ୨୦୧୭)***

ମକ୍କା ବିଜୟ ଅବସରରେ ହଜ୍‌ରତ୍ ବିଲାଲ ର:ଅଙ୍କ ଉଚ୍ଚ ସ୍ତର ଓ ପଦମର୍ଯ୍ୟାଦା ସମ୍ବନ୍ଧରେ ଚର୍ଚ୍ଚା କରି ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି କୁହନ୍ତି, ହଜ୍‌ରତ୍ ଅବ୍‌ବାସ ର:ଅ ଅବୁ ସୁଫିୟାନଙ୍କୁ ନେଇ ହଜୁର ସ:ଆ:ସଙ୍କ ନିକଟରେ ହାଜର ହେଲେ । ହଜୁର ଅବୁ ସୁଫିୟାନକୁ ଦେଖି କହିଲେ, ତୋର ଅମଙ୍ଗଳ ହେଉ, କଣ ତତେ ଏବେବି ବୁଝାପଡୁନାହିଁ ଯେ ଆମ ସୃଷ୍ଟିକର୍ତା ହେଉଛନ୍ତି ଏକ ଓ ଅଦ୍ୱିତୀୟ ଏଥିରେ ସେ ଉତର ଦେଲା କାହିଁକି ନୁହେଁ ଯଦି ଏକ ଈଶ୍ୱରଙ୍କ ବ୍ୟତିତ ଆଉ କେହି ଥାଆନ୍ତେ ତେବେ କଣ ସେ ଆମର ସାହାଯ୍ୟ କରିନଥାନ୍ତେ । ପୁନଶ୍ଚ ହଜୁର ସ:ଆ:ସ କହିଲେ, ତୋର ଅମଙ୍ଗଳ ହେଉ କଣ ଏବେ ବି ତୋର ବିଶ୍ୱାସ ହେଉନାହିଁ ଯେ, ମୁଁ ଅଲ୍ଲାଃଙ୍କ ପ୍ରେରିତ ଦୂତ ବୋଲି ? ଏଥିରେ ସେ ଉତର ଦେଲା ଏହି ପ୍ରସଙ୍ଗରେ ବର୍ତମାନ ମୁଁ ସନ୍ଦେହ ଘେରରେ ରହିଛି, ହଜ୍‌ରତ୍ ଅବ୍‌ବାସ କହିଲେ, ହେ ହତଭାଗା ବୟତ କରିନିଅ, ନିଜ ଓ ନିଜ ଗୋଷ୍ଠୀର ଜୀବନ ରକ୍ଷା କରିନିଅ । ଏଥିରେ ସେ କହିଲା ଠିକ୍ ଅଛି କରିନେଉଛି ସେଠାରେ ତ ସେ ଏମିତି ଭୟରେ ବୟତ କରିନେଇଥିଲା ଯଦିଚ ନିଜ ଅନ୍ତରଆତ୍ମାରୁ କରିନଥିଲା କିନ୍ତୁ ପରେ ସେ ଏକ ନୈଷ୍ଠିକ ମୁସଲମାନ ସାବ୍ୟସ୍ତ ହୋଇଥିଲା । ତେବେ ସେ ଯାହା ହେଉ ବୟତ କରିବାପରେ ଅବ୍‌ବାସ କହିଲେ, ମାଗ କଣ ନିଜ ଗୋଷ୍ଠୀ ପାଇଁ ତୁମେ ମାଗୁଛ । ନଚେତ ସେମାନେ ଚିରକାଳ ପାଇଁ ଧ୍ୱଂସ ହୋଇଯିବେ ଅର୍ଥାତ ତୁମ ଗୋଷ୍ଠୀବାସୀ ଚିରକାଳ ପାଇଁ ଧ୍ୱଂସ ହୋଇଯିବେ । ସେତେବେଳେ ମୁହାଜିର୍‌ମାନଙ୍କ ହୃଦୟ ଭୟପ୍ରଦ ଅବସ୍ଥାରେ ଥିଲା । କାରଣ ସେମାନେ ମକ୍କା ନିବାସୀ ଥିଲେ ଏବଂ ଏକଥା ହୃଦୟଙ୍ଗମ କରୁଥିଲେ ଯେ ଯଦି ଥରେ ମକ୍କାର ସମ୍ମାନହାନୀ ଘଟେ ତେବେ ଆଉ ତାହାର ପ୍ରତିଷ୍ଠା ଓ ଗୌରବ ଫେରି ଆସିବା ସମ୍ଭବ ନୁହଁ ଯଦିଚ ସେମାନେ ଅମାନ୍ୟକାରୀଙ୍କଠାରୁ ଅନେକ ନିର୍ଯ୍ୟାତନା, କଷଣ ଓ ଅପନିନ୍ଦା ପାଇଥିଲେ ତଥାପି ସେମାନେ ଏହି ଦୁଆ କରୁଥିଲେ ଯେ କୌଣସି ମତେ ସନ୍ଧି ହୋଇଯାଉ । କିନ୍ତୁ ଅନ୍‌ସାର୍‌ମାନେ ସେମାନଙ୍କ ତୁଳନାରେ ବହୁତ ଆନନ୍ଦିତ ଥିଲେ, ହଜୁର ସ:ଆ:ସ ଅବୁ ସୁଫିୟାନକୁ କହିଲେ, ମାଗ ତୁମେ କଣ ମାଗୁଛ ସେ କହିଲା ହେ ଅଲ୍ଲାଃଙ୍କ ରସୁଲ ! କଣ ଆଜି ଆପଣ ନିଜ ଗୋଷ୍ଠି ସହ ଦୟା ଆଚରଣ କରିବେନାହିଁ ? ହେ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଆପଣ ତ ପରମଦୟାଳୁ, କୃପାଳୁ ପୁଣି ମୁଁ ତ ଆପଣଙ୍କ ସମ୍ପର୍କୀୟ ଭାଇ ତେଣୁ ମୋର ମଧ୍ୟ ସମ୍ମାନ ହେବା ଉଚିତ କାରଣ ମୁଁ ତ ଏବେ ମୁସଲମାନ ହୋଇଗଲିଣି, ହଜୁର ସ:ଆ:ସ କହିଲେ ଠିକ୍ ଅଛି ତେବେ ଯାଇ ଘୋଷଣା କରିଦିଅ ଯେ ଯଦି କେହି ଅବୁ ସୁଫିୟାନ ଘରେ ପ୍ରବେଶ କରିବ ତାକୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯିବ ଅର୍ଥାତ ଶରଣ ଦିଆଯିବ । ସେ କହିଲା ହେ ଅଲ୍ଲାଃଙ୍କ ରସୁଲ ! ମୋର ଘର କେତେଟିଏ ? ଏବଂ ସେଥିରେ କେତେ ଲୋକ ବା ଧରିବେ ? ମକ୍କା ଏତେ ବଡ଼ ସହର ତାହାର ବାସିନ୍ଦା କିଭଳି ମୋ ଘରେ ରହିପାରିବେ ? ହଜୁର ସ:ଆ:ସ କହିଲେ, ଆଚ୍ଛା ଠିକ୍ ଅଛି ତେବେ ଯେ କେହି ଖାନାକାବା ଭିତରକୁ ଚାଲିଯିବ ତାକୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯିବ । ଅବୁ ସୁଫିୟାନ କହିଲା ହେ ଅଲ୍ଲାଃଙ୍କ ରସୁଲ୍ ତଥାପି ଲୋକେ ବାକି ରହିଯିବେ, ଆପଣ ପୁନଶ୍ଚ କହିଲେ, ତେବେ ଯେ ନିଜ ଅସ୍ତ୍ର ଫିଙ୍ଗିଦେବ ତାକୁ ମଧ୍ୟ ନିସ୍ତାର ମିଳିବ । ଅବୁ ସୁଫିୟାନ କହିଲା ହେ ଅଲ୍ଲାଃଙ୍କ ରସୁଲ ତଥାପି ଆହୁରି ଲୋକ ବାକି ରହିଯିବେ, ଆପଣ ସ:ଆ:ସ ପୁନଶ୍ଚ କହିଲେ, ତେବେ ଯେ ନିଜ ଘରର ଦ୍ୱାର ବନ୍ଦ କରିଦେବ ତାହାକୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯିବ । ସେ କହିଲା, ହଜୁର ବସ୍ତିବାସିନ୍ଦା ଲୋକେ ମରିଯିବେ । ହଜୁର କହିଲେ, ତେବେ ହଜ୍‌ରତ୍ ବିଲାଲ ର:ଅଙ୍କର ଏକ ଧ୍ୱଜା ତିଆରି କର ଅବୁ ରୁଓ୍ୱେଇହା ର:ଅଙ୍କୁ ଦେଲେ ସେ ଜଣେ ସାହାବି ଥିଲେ । ଆପଣ ସ:ଆ:ସ ହିଜ୍‌ରତକାରୀ ଓ ଅନ୍‌ସାରମାନଙ୍କ ମଧ୍ୟରେ ମୈତ୍ରିକ ସମ୍ପର୍କ ସ୍ଥାପନ କଲାବେଳେ ଏହି ସାହାବାଙ୍କର ମୈତ୍ରୀକ ସମ୍ପର୍କ ହଜ୍‌ରତ୍ ବିଲାଲ ର:ଅଙ୍କ ସହ ସ୍ଥାପନ କରିଥିଲେ । ସମ୍ଭବତଃ ସେତେବେଳେ ବିଲାଲ୍ ଉପସ୍ଥିତ ନଥିଲେ ଅବା ଅନ୍ୟ କିଛି କାରଣ ଥିଲା । ସେ ଯାହା ହେଉ ହଜୁର ହଜ୍‌ରତ୍ ବିଲାଲ ର:ଅଙ୍କର ଧ୍ୱଜା ପ୍ରସ୍ତୁତ କରି ଅବି ରୁଓ୍ୱେଇହାଙ୍କୁ ପ୍ରଦାନ କଲେ ଏବଂ କହିଲେ, ଆକୁ ନେଇ ଛକରେ ଛିଡ଼ା ହୋଇଯାଅ ଏବଂ ଘୋଷଣା କର ଯେ କେହି ବିଲାଲଙ୍କ ବାନା ତଳେ ଶରଣ ନେବ ତାକୁ ସୁରକ୍ଷା ପ୍ରଦାନ କରାଯିବ । ଏଥିରେ ଅବୁ ସୁଫିୟାନ କହି ଉଠିଲା ବାସ୍ ଏଥର ମକ୍କାବାସୀ ବଂଚିଗଲେ ଆଉ କୌଣସି ଭୟ ଆମର ନାହିଁ । ଏଥର ପ୍ରସ୍ଥାନ କରିବାକୁ ମତେ ଅନୁମତି ଦିଆଯାଉ । ହଜୁର କହିଲେ, ଠିକ୍ ଅଛି ଯାଅ, ବର୍ତମାନ ସର୍ଦ୍ଦାର ହିଁ ଅସ୍ତ୍ରବିରତି କରିଦେଇଛି ଆଉ ଖବର ପହଂଚିବାର ଅବା ନା ପହଂଚିବାର ପ୍ରଶ୍ନ ହିଁ ବାକି ରହିଲା ନାହିଁ । ଅବୁ ସୁଫିୟାନ ଭୟଭୀତ ଅବସ୍ଥାରେ ମକ୍କାରେ ପ୍ରବେଶ କଲା ଏବଂ ଏହା କହି ଚାଲୁଥିଲା ଯେ, ହେ ଲୋକମାନେ ନିଜ ଘରର ଦ୍ୱାର ବନ୍ଦ କରିଦିଅ ଏବଂ ନିଜ ନିଜ ଅସ୍ତ୍ର ଫିଙ୍ଗିଦିଅ, ଖାନାକାବାକୁ ଚାଲିଯାଅ, ବିଲାଲଙ୍କ ବାନା ତଳେ ଦଣ୍ଡାୟମାନ ହୋଇଯାଅ । ଲୋକେ ନିଜ ନିଜ ଘରର ଦ୍ୱାର ବନ୍ଦ କରିବା ଆରମ୍ଭ କରିଦେଲେ ଆଉ କେତେକ ଖାନାକାବାର ଶରଣ ନେଲେ, କେତେକ ନିଜ ଅସ୍ତ୍ରଶସ୍ତ୍ର ଆଣି ବାହାରେ ଫିଙ୍ଗିଦେଲେ ଇତି ମଧ୍ୟରେ ଇସ୍‌ଲାମୀୟ ସେନା ସହରରେ ପ୍ରବେଶ କଲା ଲୋକେ ଆସି ବିଲାଲଙ୍କ ବାନା ତଳେ ଏକାଠି ହେବା ଆରମ୍ଭ କଲେ, ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଏ ସମସ୍ତ ଘଟଣା ଚକ୍ରରେ ଯେଉଁକଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ତାହା ଥିଲା ହଜ୍‌ରତ୍ ବିଲାଲ ର:ଅଙ୍କ ଧ୍ୱଜା । ଦେଖ ହଜୁର ସ:ଆ:ସ ବିଲାଲଙ୍କ ଧ୍ୱଜା ପ୍ରସ୍ତୁତ କରାଇ ନିର୍ଦ୍ଦେଶ ଦେଇଥିଲେ କି ଯେ କେହି ବିଲାଲଙ୍କ ଧ୍ୱଜା ତଳେ ଶରଣ ନେବ ତାକୁ ସୁରକ୍ଷା ପ୍ରଦାନ କରାଯିବ । ଯେତେବେଳେ କି ସର୍‌ଦାର (ଦଳପତି) ତ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ହିଁ ଥିଲେ, କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ହଜୁରଙ୍କର କୌଣସି ଝଣ୍ଡା ଉତଳନ କରାଯାଇନଥିଲା । ପୁନଶ୍ଚ ଆପଣ ସ:ଆ:ସଙ୍କ ପରେ ସବୁଠାରୁ ଅଧିକ ବଳିଦାନକାରୀ ହଜ୍‌ରତ୍ ଅବୁବକର ର:ଅ ଥିଲେ କିନ୍ତୁ ତାଙ୍କର ମଧ୍ୟ କୌଣସି ଧ୍ୱଜା ପ୍ରସ୍ତୁତ କରାଯାଇନଥିଲା । ତାଙ୍କ ଅନ୍ତେ ମୁସଲମାନମାନଙ୍କ ରଇସ୍ ହଜରତ ଉମର୍ ର:ଅ ଥିଲେ କିନ୍ତୁ ତାଙ୍କର ମଧ୍ୟ କୌଣସି ଧ୍ୱଜା ପ୍ରସ୍ତୁତ କରାଯାଇନଥିଲା । ସେଥିଅନ୍ତେ ହଜ୍‌ରତ୍ ଉସ୍‌ମାନଙ୍କର ସ୍ଥାନ ଥିଲା, ପୁଣି ସେ ହଜୁର ସ:ଆ:ସଙ୍କର ଜାମାତା ମଧ୍ୟ ଥିଲେ କିନ୍ତୁ ତାଙ୍କର ମଧ୍ୟ କୌଣସି ଧ୍ୱଜା ପ୍ରସ୍ତୁତ କରାଯାଇନଥିଲା । ସେଥିଅନ୍ତେ ହଜ୍‌ରତ୍ ଅଲୀ ଥିଲେ ଯେ ହଜୁର ସ:ଆ:ସଙ୍କ ଭାଇ ଓ ଜାମାତା ଥିଲେ କିନ୍ତୁ ତାଙ୍କର ମଧ୍ୟ କୌଣସି ଧ୍ୱଜା ଉତଳନ କରାଯାଇନଥିଲା । ପୁନଶ୍ଚ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ ଏପରି ବ୍ୟକ୍ତିତ୍ୱ ଥିଲେ, ଯାହାଙ୍କ ସଂକ୍ରାନ୍ତରେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ କହିଥିଲେ ଯେ ଯେପର୍ଯ୍ୟନ୍ତ ଏ ଜୀବିତ ଅଛନ୍ତି ମୁସଲମାନମାନଙ୍କ ମଧ୍ୟରେ ମତପାର୍ଥକ୍ୟ କଦାପି ସୃଷ୍ଟି ହେବ ନାହିଁ, କିନ୍ତୁ ତାଙ୍କର ମଧ୍ୟ କୌଣସି ଧ୍ୱଜା ଉତଳନ କରାଯାଇନଥିଲା । ତାଙ୍କ ପରେ ହଜ୍‌ରତ୍ ଅବ୍‌ବାସ୍ ର:ଅ ଥିଲେ, ଯେ ହଜୁର ସ:ଆ:ସଙ୍କର ଚଚା ଥିଲେ, କେତେବେଳେ କେମିତି ସେ ହଜୁର ସ:ଆ:ସଙ୍କ ସମ୍ମୁଖରେ ମୁକ୍ତ କଣ୍ଠରେ ପ୍ରତିବାଦ ମଧ୍ୟ କରିଦେଉଥିଲେ । ଯେଉଁଥିରେ ହଜୁର ସ:ଆ:ସ ବିରକ୍ତିଭାବ ପ୍ରକାଶ କରୁନଥିଲେ । କିନ୍ତୁ ତାଙ୍କର ମଧ୍ୟ କୌଣସି ଧ୍ୱଜା ପ୍ରସ୍ତୁତ କରାଯାଇନଥିଲା । ଏମାନଙ୍କ ପରେ ବିଭିନ୍ନ ଗୋଷ୍ଠୀର ଅଧିପତି ଓ ଉଚ୍ଚପଦସ୍ଥ ମାନ୍ୟଗଣ ବ୍ୟକ୍ତିତ୍ୱମାନେ ମଧ୍ୟ ଉପସ୍ଥିତ ଥିଲେ, ଯେପରି ଖାଲିଦ୍ ବିନ୍ ୱ୍ଲିଦ୍ ଯେ ଜଣେ ସର୍ଦ୍ଦାରର ସୁପୁତ୍ର ଥିଲେ ଏବଂ ସ୍ୱୟମ ଜଣେ ପ୍ରତିଷ୍ଠିତ ଓ ପ୍ରଶିଦ୍ଧ ବ୍ୟକ୍ତିତ୍ୱ ଥିଲେ, ଉମର୍ ବିନ୍ ଆସ ମଧ୍ୟ ଜଣେ ସର୍ଦ୍ଦାରର ସନ୍ତାନ ଥିଲେ । ଏହିପରି ବଡ଼ ବଡ଼ ସର୍ଦ୍ଦାରମାନଙ୍କ ସନ୍ତାନମାନେ ଥିଲେ କିନ୍ତୁ ସେମାନଙ୍କ ମଧ୍ୟରୁ କାହାରି ପାଇଁ ମଧ୍ୟ ଧ୍ୱଜା ପ୍ରସ୍ତୁତ କରାଯାଇନଥିଲା ଯଦି କେବଳ ହଜ୍‌ରତ୍ ବିଲାଲ ର:ଅଙ୍କ ନିମନ୍ତେ । ଏହାର କାରଣ କଣ ? ଏହିକି ଯେ, ଖାନାକାବାରେ ଯେତେବେଳେ ଆକ୍ରମଣ ହେବାକୁ ଥିଲା ସେତେବେଳେ ହଜ୍‌ରତ୍ ଅବୁବକର ଏହି ଅପେକ୍ଷାରେ ଥିଲେ କି କାହାକୁ ନିହତ କରାଯିବ ସେମାନେ ଅବୁ ସୁଫିୟାନର ହିଁ ଭାଇବନ୍ଧୁ ଏବଂ ସେ ସ୍ୱୟମ ମଧ୍ୟ କହିଥିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ ! କଣ ଆପଣ ନିଜ ପରିଜନଙ୍କୁ ହତ୍ୟା କରିବେ । ସେ ନିଜ ଉପରେ ହୋଇଥିବା ଅନ୍ୟାୟ ଓ ଅତ୍ୟାଚାରକୁ ଭୁଲି ଯାଇଥିଲେ ଯାହା କି ସେମାନେ ଅର୍ଥାତ ମକ୍କାର ଅଧିବାସୀମାନେ ପୂର୍ବେ ମୁସଲମାନମାନଙ୍କ ସହ କରିଥିଲେ, ହଜ୍‌ରତ୍ ଉମର୍ ହଜୁର ସ:ଆ:ସଙ୍କୁ ପରାମର୍ଶ ଦେଇଥିଲେ କି ହଜୁର ଏହି ଅମାନ୍ୟକାରୀଙ୍କୁ ନିହତ କରନ୍ତୁ କିନ୍ତୁ ତଥାପି ହଜୁର ସ:ଆ:ସ ତାଙ୍କୁ କ୍ଷମା ଦେଇଥିଲେ । ସେତେବେଳେ ସେ ନିଜ ମନରେ କହୁଥିବେ ଭଲ ହେଲା ଆମ ଭାଇବନ୍ଧୁ ମୁସଲମାନମାନଙ୍କ କବଳରୁ ରକ୍ଷା ପାଇଗଲେ । ଉସ୍‌ମାନ ଓ ଅଲୀ ମଧ୍ୟ କହୁଥିବେ ସେମାନେ ଆମ ସହ କଠୋରତା ପ୍ରଦର୍ଶନ କଲେ ତ ସତ ତେବେ ସେଠୁ କଣ ହେଲା ଯାହା ହେଲେ ବି ସେମାନେ ଆମ ଭାଇବନ୍ଧୁ ଆମ ପରିଜନ । ସ୍ୱୟମ ହଜୁର ସ:ଆ:ସ ସେମାନଙ୍କୁ କ୍ଷମା ଦେବା ସମୟରେ ମନରେ ଏହି ଭାବ ପ୍ରକଟ ହେଉଥିବ କି ଏମାନଙ୍କ ମଧ୍ୟରେ ମୋ ଚଚା, ଭାଇ, ବନ୍ଧୁ ଓ ଜ୍ୱାଇଁ ରହିଛନ୍ତି ଯଦି ମୁଁ ଏମାନଙ୍କୁ କ୍ଷମା ଦେଲି ତେବେ ଭୁଲ୍ କଣ ହେଲା । ମୋ ନିଜ ସମ୍ପର୍କୀୟ ହିଁ ଜୀବନଦାନ ପାଇଲେ । ସେମାନଙ୍କ ମଧ୍ୟରେ କେବଳ ଜଣେ ବ୍ୟକ୍ତି ଥିଲା ଯାହାର କେହି ବନ୍ଧୁବାନ୍ଧବ ନଥିଲେ ଯାହାର ମକ୍କାର କୌଣସି ପ୍ରଭାବ ନଥିଲା ଏବଂ ଯାହାର

ମକ୍କାରେ କେହି ସାଥି ନଥିଲେ ସେ ପ୍ରତାଡ଼ିତ ଥିଲା ଯାହାର ଅସହାୟତା ଦେଖି ସମସ୍ତେ ତାହା ଉପରେ ଅନ୍ୟାୟ ଓ ଅତ୍ୟାଚାର କରୁଥିଲେ, ଏପରି ଅତ୍ୟାଚାର ନା' ତ' ହଜ୍‌ରତ୍ ଅବୁବକରଙ୍କ ସହ ଏହା ହୋଇଥିଲା ନା ହଜ୍‌ରତ୍ ଅଲୀଙ୍କ ସହ ନା ହଜ୍‌ରତ୍ ଉସ୍‌ମାନଙ୍କ ସହ, ନା ଉମରଙ୍କ ସହ ଏପରିକି ହଜୁର ସ:ଆ:ସଙ୍କ ସହ ମଧ୍ୟ ହୋଇନଥିଲା । ଯେପରି କି ସେହି ଅସହାୟ ବ୍ୟକ୍ତି ସହ ଲୋକେ ଅତ୍ୟାଚାର ଓ ଅନ୍ୟାୟ ପ୍ରଦର୍ଶନ କରିଥିଲେ ।

ଗତ ଖୁତ୍‌ବାରେ ମୁଁ ଏକଥା ବର୍ଣ୍ଣନା କରିଥିଲି କି, ହଜ୍‌ରତ୍ ଅବୁବକର ଓ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ନିଜ ସଂଭ୍ରାନ୍ତ ବର୍ଗ ଯୋଗୁଁ ଶତୃର ଅତ୍ୟାଚାରରୁ ବର୍ତି ଯାଇଥିଲେ ଏବଂ ମୁଁ ଏହି ସ୍ପଷ୍ଟିକରଣ ମଧ୍ୟ କରିଥିଲି କି ହଜ୍‌ରତ୍ ବିଲାଲ ର:ଅ ସବୁଠାରୁ ଅଧିକ ଅତ୍ୟାଚାରୀଙ୍କ ଶିକାର ହୋଇଥିଲେ ଏଥିସହ ହଜ୍‌ରତ୍ ଅବୁବକର ଓ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ମଧ୍ୟ ଶତୃର ଅତ୍ୟାଚାରରୁ ବର୍ତି ଯାଇନଥିଲେ । ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ମଧ୍ୟ ସେହି ସମାନ କଥା କହିଛନ୍ତି ଏବଂ ଆହୁରି କହିଛନ୍ତି କି ସେହି ଅତ୍ୟାଚାର ଯାହା ବିଲାଲଙ୍କ ଉପରେ କରାଯାଇଥିଲା ସେପରି ଅନ୍ୟ କାହା ଉପରେ ହୋଇନଥିଲା । ତାଙ୍କୁ ଉତପ୍ତ ବାଲୁକା ଉପରେ ଫୁଙ୍ଗୁଳା ଶରୀରରେ ସୁଆଇ ଦିଆଯାଉଥିଲା । ମଇ ଓ ଜୁନ୍ ମାସରେ ଖାଲି ପାଦରେ ଚାଲିବା କିଭଳି କଷ୍ଟ ସାଧ କିନ୍ତୁ ତାଙ୍କୁ କେବଳ ଉତପ୍ତ ବାଲୁକାରେ ଫୁଙ୍ଗୁଳା ଶୁଆଇ ଦେଉନଥିଲେ ବରଂ କଂଟାଯୁକ୍ତ ଜୋତା ପିନ୍ଧି ଦୁଷ୍ଟ ଯୁବକମାନେ ତାଙ୍କ ଛାତି ଉପରେ ଡ଼େଉଁଥିଲେ ଏବଂ କହୁଥିଲେ କୁହ କଣ ପ୍ରଭୁଙ୍କ ବ୍ୟତିତ ଅନ୍ୟ କେହି ଉପାସ୍ୟ ଅଛନ୍ତି, କୁହ ମୁହମ୍ମଦ ସ:ଆ:ସ ଜଣେ ମିଥ୍ୟାବାଦୀ ଅଟନ୍ତି । ଯେତେବେଳେ ଅତ୍ୟାଚାର ଅସହ୍ୟ ଓ ସୀମାଲଘଂନ କରିଯାଉଥିଲା ସେତେବେଳେ ବିଲାଲ୍ ନିଜ ହବ୍‌ଶି ଭାଷାରେ **ଅସ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ- ଅସ୍‌ହଦୁ ଅନ୍ ଲା ଇଲାହା ଇଲ୍ଲଲ୍ଲାହୁ** ହିଁ କହୁଥିଲେ । ସେ ଆହୁରି କହୁଥିଲେ କି ତୁମେ ଯେତେ ନିର୍ଯ୍ୟାତନା ଦେଉଛ ଦିଅ ମୋର ଆରାଧ ଦେବାତ କେବଳ ଜଣେ ଓ ଏକେଶ୍ୱର, ତାଙ୍କୁ ମୁଁ ଦୁଇବୋଲି କିଭଳି କହିପାରିବି ଏବଂ ଯେତେବେଳେ ମତେ ଏକଥା ଜଣା କି ହଜ୍‌ରତ ମୁହମ୍ମଦ ମୁସ୍ତଫା ସ:ଆ:ସ ତାଙ୍କ ପ୍ରେରିତ ଓ ସତ୍ୟବାଦୀ ଦୂତ ତେବେ ମୁଁ ତାଙ୍କୁ ମିଥ୍ୟାବାଦୀ କିଭଳି କହିବି । ଏଥିରେ ସେମାନେ ତାଙ୍କୁ ଆହୁରି ଅଧିକ କଷଣ ଦେଉଥିଲେ ଗରବ ଋତୁରେ ମଧ୍ୟ ସେମାନେ ବିଲାଲ୍ ର:ଅଙ୍କୁ ଗରମ ବାଲିରେ ଶୁଆଇ କଷଣ ଦେଉଥିଲେ ପୁନଶ୍ଚ ସେହି ଅତ୍ୟାଚାରିମାନେ ଶୀତରେ ତାଙ୍କ ଗୋଡ଼ରେ ରସି ବାନ୍ଧି ମକ୍କାର ପଥୁରିଆ ଚଟାଣ ଉପରେ ତାଙ୍କୁ ଘୋଷାରି ନେଉଥିଲେ ଯଦ୍ୱାରା ତାଙ୍କ ଶରୀର ରକ୍ତରଞ୍ଜିତ ହେଇଯାଉଥିଲା ଏବଂ କହୁଥିଲେ ବର୍ତମାନ କୁହ ମୁହମ୍ମଦ ସ:ଆ:ସ ମିଥ୍ୟାବାଦି ତଥା ଏକ ପ୍ରଭୁ ବ୍ୟତିତ ଆହୁରି ଉପାସ୍ୟ ଅଛନ୍ତି । କିନ୍ତୁ ହଜ୍‌ରତ୍ ବଲାଲ୍ ର:ଅ ଅସ୍‌ହଦୁ ଅନ୍ ଲା ଇଲାହା ଇଲ୍ଲଲ୍ଲାହୁ ହିଁ କହୁଥିଲେ ।

ଆଉ ଯେତେବେଳେ ମକ୍କାରେ ଦଶହଜାର ମୁସଲମାନ ସେନା ପ୍ରବେଶ କଲେ, ସେତେବେଳେ ବିଲାଲଙ୍କ ମନରେ ଏହି ଭାବ ପ୍ରକଟିତ ହେଉଥିବ କି ଆଜି ସେହି ନିର୍ଯ୍ୟାତନାର ପ୍ରତିଷୋଧ ନିଆଯିବ ଯେ ମୋ ଛାତି ଉପରେ ଜୋତା ପିନ୍ଧି ନାଚୁଥିଲେ ଆଜି ସେହି କଷଣର ମତେ କ୍ଷତିପୂରଣ ମିଳିଯିବ କିନ୍ତୁ ଯେତେବେଳେ ହଜୁର ସ:ଆ:ସ ଘୋଷଣା କଲେ କି ଯେଉଁମାନେ ଅବୁ ସୁଫିୟାନ ଘରେ ଶରଣ ନେବ, ଯେ ଖାନାକାବାର ଶରଣ ନେବ, ଯେ ନିଜ ଅସ୍ତ୍ର ଫିଙ୍ଗି ଦେବ, ଯେ ନିଜ ଘରର ଦ୍ୱାର ବନ୍ଦ କରିଦେବ, ଯେ ବିଲାଲଙ୍କ ବାନା ତଳକୁ ଆସିଯିବ ସେ ସମସ୍ତେ ନିରାପଦ ଓ ସୁରକ୍ଷିତ ହୋଇଯିବେ । ସେମାନଙ୍କୁ ସୁରକ୍ଷା ମିଳିବ, ସେତେବେଳେ ବିଲାଲଙ୍କ ମନରେ ଏହି ଭାବ ପ୍ରକଟ ହୋଇଥିବ ଏ ତ ନିଜ ଭାଇମାନଙ୍କୁ କ୍ଷମା କରିଚାଲିଛନ୍ତି ଯଦିଚ ଏହା ଠିକ୍ କିନ୍ତୁ ମୋ ପ୍ରତିଶୋଧ ତ ବାକି ରହିଗଲା । ସେତେବେଳେ ହଜୁର ସ:ଆ:ସ ତାଙ୍କର ଏହି ମନକଥା ହୃଦୟଙ୍ଗମ କଲେ କି ଆଜି ଯଦି ମୁଁ ସମସ୍ତଙ୍କୁ କ୍ଷମା କରିଦିଏ ତେବେ କେବଳ ଜଣେ ବ୍ୟକ୍ତିକୁ କଷ୍ଟ ହେବ ଏବଂ ସେ ହେଉଛନ୍ତି ହଜ୍‌ରତ୍ ବିଲାଲ ର:ଅ । ଯାହାଙ୍କୁ ମୁଁ କ୍ଷମା ଦେଉଅଛି ସେମାନେ ଆଙ୍କ ଭାଇବନ୍ଧୁ ନୁହନ୍ତି ଏବଂ ଯେପରି ତାଙ୍କୁ ପୀଡ଼ା ଓ ଯନ୍ତ୍ରଣା ଦିଆଯାଇଥିଲା ସେପରି ଅନ୍ୟ କାହାରିକୁ ଦିଆଯାଇନଥିଲା । ତେଣୁ ଆପଣ ସ:ଆ:ସ କହିଲେ, ମୁଁ ଏହାର ପ୍ରତିଶୋଧ ଏପରି ନେବି ଯେ ମୋର ଅବତାରତ୍ୱର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବ ନାହିଁ ତଥା ଅନ୍ୟପଟରେ ବିଲାଲ ମଧ୍ୟ ପ୍ରସନ୍ନିତ ହୋଇଯିବେ । ସୁତରାଂ ଆପଣ ସ:ଆ:ସ ଆଦେଶ ଦେଲେ ଯେ ବିଲାଲଙ୍କ ଧ୍ୱଜା ଉତଳନ କର ଏବଂ ସେହି ମକ୍କାର ସର୍ଦ୍ଦାରମାନଙ୍କୁ ଯେ ତାଙ୍କ ଛାତି ଉପରେ ନାଚୁଥିଲେ, ଯିଏ ତାଙ୍କ ଶରୀରରେ ରସି ବାନ୍ଧି ଘୋଷାରୁ ଥିଲେ, ଯିଏ ତାଙ୍କୁ ଉତପ୍ତ ବାଲୁକା ଉପରେ ଶୁଆଇ ଦେଉଥିଲେ । ସେମାନଙ୍କୁ କହିଦିଅ ଯେ ଯଦି ନିଜ ନିଜ ସ୍ତ୍ରୀ, ପିଲାଙ୍କୁ ଜୀବିତ ଦେଖିବାକୁ ଚାହୁଁଛ ତେବେ ବିଲାଲଙ୍କ ଧ୍ୱଜା ତଳକୁ ଆସିଯାଅ । ମୁଁ ଚିନ୍ତା କରୁଛି ସୃଷ୍ଟିର ପ୍ରାରମ୍ଭରୁ ଯେବେଠାରୁ ମନୁଷ୍ୟ ଶକ୍ତିଲାଭ କରିଛି ଏବଂ ଯେବେଠାରୁ ଜଣେ ଅନ୍ୟଜଣକଠାରୁ ନିଜର ରକ୍ତର ପ୍ରତିଶୋଧ ନେବାକୁ ପ୍ରସ୍ତୁତ ହୋଇଛି ତଥା ତାହାକୁ ଶକ୍ତି ପ୍ରାପ୍ତ ହୋଇଛି । ସେବେଠାରୁ ଆଜି ପର୍ଯ୍ୟନ୍ତ ଏଭଳି ଉଚ୍ଚ କୋଟୀର ଏବଂ ସୁନ୍ଦର ପ୍ରତିଶୋଧ କୌଣସି ମଣିଷ ନେଇନଥିବେ । ଯେତେବେଳେ ବିଲାଲ ର:ଅଙ୍କ ବାନା ଖାନାକାବା ସମ୍ମୁଖରେ ଆକାଶରେ ଉଡୁଥିବ ସେତେବେଳେ ଆରବର ସର୍ଦ୍ଦାରମାନେ ଓ ମାନ୍ୟଗଣ ବ୍ୟକ୍ତିଗଣ ଯେଉଁମାନେ ହଜ୍‌ରତ୍ ବିଲାଲ୍ ର:ଅଙ୍କୁ ନିଜ ଜୋତାରେ ଦଳୁଥିଲେ ଓ କହୁଥିଲେ କି କୁହ ମୁହମ୍ମଦ ସ:ଆ:ସ ମିଥ୍ୟାବାଦୀ ଅଟନ୍ତି, ସେହିମାନେ ଦୌଡ଼ି ଦୌଡ଼ି ଯାଇ ନିଜ ସ୍ତ୍ରୀ ପିଲାଙ୍କୁ ନେଇ ଆସି ବିଲାଲଙ୍କ ଧ୍ୱଜା ତଳେ ଏକତ୍ରିତ କରୁଥିବେ ଯେପରି ସେମାନଙ୍କ ଜୀବନ ରକ୍ଷା ହୋଇଯିବ । ସେତେବେଳେ ବିଲାଲଙ୍କ ହୃଦୟ ଓ ତାଙ୍କ ମନପ୍ରାଣ କିଭଳି ହଜୁର ସ:ଆ:ସଙ୍କ ପ୍ରତି ଉତ୍ସର୍ଗୀକୃତ ହେଉଥିବ । ସେ କହୁଥିବେ ମୁଁ ତ ଏକଥା କେବେ ଭାବି ବି ନଥିଲି ଯେ ମୁଁ ଏହି ଅମାନ୍ୟକାରୀଙ୍କଠାରୁ କାଳେ କେବେ ପ୍ରତିଶୋଧ ନେଇ ପାରିଥାନ୍ତି କି ? କିନ୍ତୁ ହଜୁର ସ:ଆ:ସ ଙ୍କ ଏହି ପଦକ୍ଷେପ ମୋର ପ୍ରତିଶୋଧକୁ ପୁରଣ କରିଦେଲା । ସେ ସମସ୍ତ ବ୍ୟକ୍ତି ଯାହାଙ୍କ ଜୋତା ମୋ ଛାତି ଉପରେ ପଡୁଥିଲା, ଆଜି ମୋ ନିକଟରେ ସେମାନଙ୍କ ମୁଣ୍ଡକୁ ନୁଆଇଁ ଦିଆଯାଇଅଛି ଏହା ଏପରି ପ୍ରତିଶୋଧ ଥିଲା ଯାହାକି ୟୁସୁଫଙ୍କ ପ୍ରତିଶୋଧଠାରୁ ବଳି ଅଧିକ ଶକ୍ତିଶାଳୀ ଓ ପ୍ରଭାବଶାଳୀ ଥିଲା ଏଥିପାଇଁ କି ୟୁସୁଫ ନିଜ ପିତାଙ୍କ ପାଇଁ ନିଜ ଭାଇମାନଙ୍କୁ କ୍ଷମା ଦେଇଥିଲେ ଏବଂ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ନିଜ ଚଚା ଓ ଭାଇମାନଙ୍କୁ ଜଣେ ଦାସର ଜୋତା ବଦଳରେ ମାଫ କରିଦେଇଥିଲେ । ତେବେ କୁହ ୟୁସୁଫଙ୍କ ପ୍ରତିଶୋଧ ତୁଳନାରେ ଏହାର କେଉଁ ସମାନତା ରହିଛି ବା ଏହାର ୟୁସୁଫଙ୍କ ସହ କିଭଳି ତୁଳନା କରାଯାଇପାରେ ? ***(ସେରେ ରୁହାନୀ, ଅନୱାରୁଲ୍ ଉଲୁମ୍ ଖଣ୍ଡ-୨୪, ପୃ-୨୬୮-୨୭୩)***

ଏହି ଘଟଣାକୁ ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍‌ରେ ସଂକ୍ଷିପ୍ତ ଭାବରେ ବର୍ଣ୍ଣନା ରହିଛି ପ୍ରଥମେ ଯେଉଁ ଦ୍ରଷ୍ଟବ୍ୟ ଥିଲା ତାହା ସେରେ ରୁହାନିରେ ଥିଲା । ଏହା ମୁଁ ଏଥିପାଇଁ କହୁଛି କି କେତେକ ଲୋକେ ଲେଖିଦେଇଥାନ୍ତି ଯେ ଅମକ ସ୍ଥାନରେ ଏମିତି ଦର୍ଶାଯାଇଥିଲା କିନ୍ତୁ ଉଭୟ ସ୍ଥାନରେ ବାଖ୍ୟା ଓ ସଂକ୍ଷିପ୍ତ ଆଲୋଚନା ବ୍ୟତିତ ଅନ୍ୟ କିଛି ପାର୍ଥକ୍ୟ ନାହିଁ । କେତେକ ଲୋକ ଅନେକ ଫରକ ଆରମ୍ଭ କରିଦେଇଥାନ୍ତି । ସେହି ଘଟଣାରୁ ଓ ତାହାର ପରିଣାମରୁ କିନ୍ତୁ ଏଠାରେ ସ୍ପଷ୍ଟରୂପେ ଦର୍ଶାଯାଇଛି ଯେ, ଅବୁ ସୁଫିୟାନ ହଜୁର ସ:ଆ:ସଙ୍କୁ ପଚାରିଲେ ହେ ଅଲ୍ଲାଃଙ୍କ ରସୁଲ୍ ଯଦି ମକ୍କାବାସୀ ତରବାରୀ ନ ଉଠାନ୍ତି ତେବେ କଣ ତାଙ୍କୁ ସୁରକ୍ଷା ପ୍ରଦାନ କରାଯିବ । ହଜୁର ସ:ଆ:ସ ଉତର ଦେଲେ ହଁ ପ୍ରତ୍ୟେକ ବ୍ୟକ୍ତି ଯିଏ ନିଜ ଦ୍ୱାର ବନ୍ଦ କରିନେବ ତାକୁ ମଧ୍ୟ ସୁରକ୍ଷା ମିଳିବ । ଇତିମଧ୍ୟରେ ହଜ୍‌ରତ୍ ଅବ୍‌ବାସ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ଅବୁ ସୁଫିୟାନ ବଡ଼ପଣିଆକୁ ପସନ୍ଦ କରେ । ତେଣୁ ତାହାର ସମ୍ମାନ ରକ୍ଷା କରିବାର କୌଣସି ବ୍ୟବସ୍ଥା କରାଯାଉ ହଜ୍‌ରତ୍ ଅବ୍‌ବାସଙ୍କର ଏହି କଥା ଅଧିକା ଉଲ୍ଲେଖ ରହିଛି । ଏଥିରେ ହଜୁର ସ:ଆ:ସ କହିଲେ, ଠିକ୍ ଅଛି ଯେ କେହି ଅବୁ ସୁଫିୟାନ ଘରେ ଶରଣ ନେବ ତାହାକୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯିବ ଯେ କେହି କାବା ମସ୍‌ଜିଦ୍ ଭିତରେ ପଶିଯିବ ତାଙ୍କୁ ସୁରକ୍ଷା ମିଳିବ, ଯିଏ ନିଜର ଅସ୍ତ୍ରକୁ ଫିଙ୍ଗିଦେବ ତାଙ୍କୁ ମଧ୍ୟ ସୁରକ୍ଷା ମିଳିବ, ଯିଏ ନିଜ ଘରର ଦ୍ୱାର ବନ୍ଦ କରି ଘରେ ବସିଯିବ ତାକୁ ମଧ୍ୟ ସୁରକ୍ଷା ମିଳିବ ଯେ କେହି ହତିମ୍ ବିନ୍ ଅଜାମ୍‌ଙ୍କ ଘରେ ଶରଣ ନେବ ତାକୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯିବ । ଏଥିଅନ୍ତେ ଅବୁ ରୱିହା ଯାହାଙ୍କ ସହ ହଜୁର ସ:ଆ:ସ ହଜ୍‌ରତ୍ ବିଲାଲ ର:ଅଙ୍କ ସହ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ, ତାଙ୍କ ସମ୍ବନ୍ଧରେ ଆପଣ ସ:ଆ:ସ କହିଲେ, ବର୍ତମାନ ଆମେ ଅବି ରୱିହାଙ୍କୁ ନିଜ ଧ୍ୱଜା ପ୍ରଦାନ କରୁଛୁ ଯେ କେହି ତାଙ୍କ ଧ୍ୱଜା ତଳକୁ ଚାଲିଆସିବ ତାହାକୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯିବ । ପୁଣି ହଜୁର ହଜ୍‌ରତ୍ ବିଲାଲ ର:ଅଙ୍କୁ ଆଦେଶ ଦେଲେ ଆପଣ ଏହା ଘୋଷଣା କରିଚାଲନ୍ତୁ ଅର୍ଥାତ ଯେ କେହି ଏମାନଙ୍କ ନିକଟକୁ ଚାଲିଆସିବ ଅବା ଶରଣ ନେବ ତାଙ୍କୁ ସୁରକ୍ଷା ମିଳିବ । ଏପରି ନିର୍ଦ୍ଦେଶରେ କେଡ଼େ ସୁନ୍ଦର କାରଣ ଥିଲା ଯେ, ଏହା କିଭଳି ବୁଦ୍ଧିମାନର କାର୍ଯ୍ୟ ବିଲାଲଙ୍କ ପାଇଁ ମକ୍କାର କୌଣସି କୋଣରେ ଶାନ୍ତିର ସ୍ଥାନ ନଥିଲା ଓ ସମସ୍ତେ ତାଙ୍କୁ ଦୁଃଖ ଓ କଷ୍ଟ ହିଁ ଦେଉଥିଲେ ବରଂ କହିବାକୁ ଗଲେ ମକ୍କା ତାଙ୍କ ପାଇଁ ଶାସ୍ତି, ନିର୍ଯ୍ୟାତନା ଓ ତିରସ୍କାରର ପିଠସ୍ଥଳୀ ଥିଲା । ହଜୁର ସ:ଆ:ସ ମଧ୍ୟ ହୃଦୟଙ୍ଗମ କଲେ ଯେ ଆଜି ବିଲାଲଙ୍କ ମନ ମସ୍ତିଷ୍କରେ ପ୍ରତିଶୋଧ ନେବାର ଭାବ ଉତ୍କଣ୍ଠିତ ହେଉଥିବ ଏବଂ ଏହି ବିଶ୍ୱସ୍ଥ ସାଥିର ପ୍ରତିଶୋଧ ନେବା ମଧ୍ୟ ଅତ୍ୟନ୍ତ ଜରୁରୀ ଏଥିସହ ଏହା ମଧ୍ୟ ଜରୁରି ଯେ, ଆମ ପ୍ରତିଶୋଧ ପରାୟଣତା ଇସ୍‌ଲାମ୍‌ର ମର୍ଯ୍ୟାଦା ଅନୁଯାୟୀ ହେବା ଉଚିତ । ଅତଏବ ଆପଣ ସ:ଆ:ସ ତାଙ୍କର ଏହି ପ୍ରତିଶୋଧ ଏଭଳି ନେଲେ ଯେ ଖଡ୍ଗ ଦ୍ୱାରା ଶତୃର ମସ୍ତକ ଅର୍ଥାତ ଶୀର ଛେଦ କରିଦେବା ନୁହେଁ ବରଂ ତାଙ୍କ ଭାଇ ହସ୍ତରେ ଏଭଳି ବାନା ଦେଇ ଛିଡ଼ା କରିଦେଲେ ଅର୍ଥାତ ହଜ୍‌ରତ୍ ବିଲାଲ ର:ଅଙ୍କ ଭାଇ ତାଙ୍କ ବନ୍ଧୁ ହଜ୍‌ରତ୍ ରୱିହାଙ୍କ ହାତରେ ତାଙ୍କର ବାନା ଦେଇ ଛିଡ଼ା କରିଦେଲେ ଏବଂ ବିଲାଲଙ୍କୁ ଏହି ଘୋଷଣା କରିବାକୁ ନିୟୋଜିତ କଲେ କି ଯେ କେହି ତାଙ୍କ ଧ୍ୱଜା ତଳକୁ ଆସିଯିବ ସେ ସୁରକ୍ଷିତ ରହିବ । ଏହା କିଭଳି ଭବ୍ୟ ଓ ସୁବ୍ୟବସ୍ଥା ଥିଲା କିଭଳି ବିଲାଲ୍ ଉଚ୍ଚ ସ୍ୱରରେ ଘୋଷଣା କରୁଥିବେ କି ହେ ମକ୍କାବାସୀ ଆସ ମୋ ଭାଇର ଧ୍ୱଜା ତଳେ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ଏକତ୍ରିତ ହୋଇଯାଅ ଏବଂ ଯେ କେହି ତାଙ୍କ ଧ୍ୱଜା ତଳକୁ ଆସିଯିବ ତାହାକୁ ସୁରକ୍ଷା ପ୍ରଦାନ କରାଯିବ ସେତେବେଳେ ତାଙ୍କ ହୃଦୟରୁ ପ୍ରତିଶୋଧ ପରାୟଣଭାବନା ଓହରି ଯାଇଥିବ । ସେ ଏକଥା ଅନୁଭବ କରୁଥିବେ ଯେ ହଜୁର ସ:ଆ:ସ ମୋ ପାଇଁ ଯେଉଁ ଉପାୟ ପାଂଚିଲେ ପ୍ରତିଶୋଧ ନେବାର ତାହାଠାରୁ ବଳି ଅଧିକ ଉତ୍ତମ ଓ ସୁନ୍ଦର ପ୍ରତିଶୋଧ ମୋ ପାଇଁ ଅନ୍ୟ କିଛି ହୋଇନପାରେ । ***(ଦିବାଚା ତଫସିରୁଲ୍ କୁରଆନ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୩୪୦-୩୪୧)***

ପୁଣି ହଜରତ୍ ଖଲିଫତୁଲ୍ ମସିହ ସାନି ହଜରତ୍ ବିଲାଲ ର:ଅଙ୍କ ଧୈର୍ଯ୍ୟ ଓ ମକ୍କା ବିଜୟ ସମୟରେ ତାଙ୍କ ଅବସ୍ଥାର ଚର୍ଚ୍ଚା କରି କୁହନ୍ତି, ମକ୍କାରେ ହଜରତ୍ ବିଲାଲ ର:ଅଙ୍କୁ ଯେଉଁ ନିର୍ଯ୍ୟାତନା ଓ କଷଣ ଦିଆଯାଉଥିଲା ତାହାର ଚର୍ଚ୍ଚା ପୂର୍ବରୁ ହୋଇସାରିଛି କିନ୍ତୁ କଣ ତୁମେ ଜାଣିଛ କି ଯେତେବେଳେ ମକ୍କା ବିଜୟ ହେଲା ସେତେବେଳେ ହଜୁର ସ:ଆ:ସ ସେହି ହବ୍‌ସି ଦାସକୁ କିଭଳି ମର୍ଯ୍ୟାଦା ପ୍ରଦାନ କରିଥିଲେ ଏବଂ ସେହି ଅମାନ୍ୟକାରୀ ଯେ ତାଙ୍କ ଉପରେ ଅତ୍ୟାଚାରର ସୀମା ଲଙ୍ଘନ କରିଯାଇଥିଲେ, ସେମାନଙ୍କଠାରୁ କିଭଳି ସୁନ୍ଦର ପ୍ରତିଶୋଧ ନିଆଯାଇଥିଲା ? ଦେଖ ସେତେବେଳେ ହଜୁର ସ:ଆ:ସ ବିଲାଲଙ୍କ ହସ୍ତରେ ଏକ ବାନା ଦେଲେ ଏବଂ ଘୋଷଣା କରାଇଦେଲେ ଯେ, ହେ ସର୍ଦ୍ଦାରମାନେ ଯଦି ତୁମେମାନେ ନିଜ ଜୀବନ ରକ୍ଷା କରିବାକୁ ଇଚ୍ଛୁକ ତେବେ ବିଲାଲଙ୍କ ଧ୍ୱଜା ନିକଟରେ ଶରଣ ନିଅ, ସେହି ଦାସ ଯାହାର ଛାତି ଉପରେ ଅମାନ୍ୟକାରୀମାନେ ନାଚୁଥିଲେ, ସେମାନଙ୍କୁ ହଜୁର ସ:ଆ:ସ କହିଲେ, ଯଦି ବଂଚିବାକୁ ଇଚ୍ଛା ତେବେ ଆଜି କେବଳ ଏହି ଗୁଲାମ୍ ଅର୍ଥାତ ଦାସର ପତାକା ତଳେ ଏକତ୍ରିତ ହୋଇଯାଅ ଯେବେ କି ସେମାନେ ସମସ୍ତେ ସର୍ଦ୍ଦାର ଓ ସମ୍ଭ୍ରାନ୍ତ ବର୍ଗର ଥିଲେ ଓ ବିଲାଲ ଜଣେ କ୍ରୀତଦାସ ଥିଲେ । ***(ଆଇନ୍ଦା ୱହି ଇଜ୍ଜତ୍ ପାଏଁଙ୍ଗି ଯୋ ମାଲି ଓ ଜାନି କୁର୍ବାନିୟୋଁ ମେଁ ହିସ୍‌ସା ଲୈଙ୍ଗି, ଅନୱାରୁଲ ଉଲୁମ୍, ଖଣ୍ଡ-୨୧, ପୃ-୧୬୪)***

ସୁତରାଂ ବିଲାଲଙ୍କ ନାମରେ ବାନା ପ୍ରସ୍ତୁତ କରାଗଲା ଓ ବିଲାଲଙ୍କୁ ଉକ୍ତ ବାନା ଦେବା ଅବା ତାଙ୍କ ଭାଇକୁ ଦେବା, ଏଥିରେ କିଛି ଫରକ ନାହିଁ ପରିଣାମ ତ ଉଭୟ କଥାର ସମାନ ବାହାରୁ ଅଛି ।

ହଜରତ୍ ଅବ୍‌ଦୁଲା ବିନ୍ ଉମର୍ ର:ଅ ବର୍ଣ୍ଣନା କରନ୍ତି, ଇଦ୍ ଦିନ ହଜୁର ସ:ଆ:ସ ଆଗେ ଆଗେ ବର୍ଚ୍ଛା ନେଇ ଚାଲୁଥିଲେ ଏବଂ ସାଧାରଣତଃ ତାଙ୍କ ସମ୍ମୁଖରେ ହଜରତ୍ ବିଲାଲ ର:ଅ ବର୍ଚ୍ଛା ନେଇ ଚାଲୁଥିଲେ । ମୁହମ୍ମଦ ବିନ୍ ଉମର୍ ର:ଅ ବର୍ଣ୍ଣନା କରନ୍ତି ଉକ୍ତ ବର୍ଚ୍ଛାକୁ ହଜରତ୍ ବିଲାଲ ର:ଅ ହଜୁର ସ:ଆ:ସଙ୍କ ସମ୍ମୁଖରେ ପୋତି ଦେଉଥିଲେ । ସେତେବେଳେ ଇଦ୍ ସ୍ଥଳୀ ଖୋଲା ପଡ଼ିଆରେ ହେଉଥିଲା ଅର୍ଥାତ ଖୋଲା ପଡ଼ିଆରେ ଇଦ୍ ନମାଜ ପାଠ କରାଯାଉଥିଲା । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୭........... ବେରୁତ ୨୦୧୭)***

ଗୋଟିଏ ବର୍ଣ୍ଣନାରେ ଏଭଳି ଦରଜ ରହିଛି କି, ନଜାସି ହବ୍‌ସା ହଜୁର ସ:ଆ:ସଙ୍କୁ ତିନୋଟି ବର୍ଚ୍ଛା ଉପହାର ସ୍ୱରୂପ ପ୍ରେରଣ କରିଥିଲେ ସେଥିମଧ୍ୟରୁ ଗୋଟିଏ ହଜୁର ନିଜ ନିକଟରେ ରଖିଦେଇଥିଲେ ଏବଂ ଆଉ ଦୁଇଟି ହଜରତ୍ ଅଲୀ ଓ ହଜରତ୍ ଉମର୍ ର:ଅଙ୍କୁ ପ୍ରଦାନ କରିଥିଲେ । ହଜରତ୍ ବିଲାଲ ର:ଅ ସେହି ବର୍ଚ୍ଛାଟିକୁ ଯାହାକି ହଜୁର ସ:ଆ:ସ ନିଜ ନିକଟରେ ରଖିଥିଲେ ତାହାକୁ ଦୁଇଟିଯାକ ଇଦ୍ ସମୟରେ ଆପଣଙ୍କ ଆଗେ ଆଗେ ନେଇ ଚାଲୁଥିଲେ ଏପରି କି ଆପଣଙ୍କ ସମ୍ମୁଖରେ ପୋତି ଦେଉଥିଲେ ଏବଂ ହଜୁର ସ:ଆ:ସ ତାହାକୁ ମୁହଁ କରି ଅର୍ଥାତ ତାହା ଆଡ଼କୁ ମୁହଁ କରି ନମାଜ ପାଠ କରୁଥିଲେ । ହଜୁର ସ:ଆ:ସଙ୍କ ବିୟୋଗ ପରେ ହଜରତ୍ ବିଲାଲ ର:ଅ ସେହି ବର୍ଚ୍ଛାଟିକୁ ନେଇ ହଜରତ୍ ଅବୁବକରଙ୍କ ଆଗରେ ଅଗ୍ରସର ହେଉଥିଲେ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୮........... ବେରୁତ ୨୦୧୭)***

ଏକଦା ହଜରତ୍ ବିଲାଲ ର:ଅ ହଜରତ୍ ଅବୁବକରଙ୍କ ନିକଟକୁ ଆସି କହିଲେ, ହେ ରସୁଲଙ୍କ ଖଲିଫା ମୁଁ ହଜୁର ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଛି ଯେ, ବିଶ୍ୱାସକାରୀର ସବୁଠାରୁ ଉତ୍ତମ ଅମଳ ତାହାର ପ୍ରଭୁଙ୍କ ମାର୍ଗରେ ଜିହାଦ୍ କରିବା ଏହା ଶୁଣି ହଜରତ୍ ଅବୁବକର କହିଲେ, ତେବେ ତୁମେ କଣ ଚାହୁଁଛ ? ହଜରତ୍ ବିଲାଲ ର:ଅ ଉତ୍ତର ଦଲେ ମୋର ଆନ୍ତରିକ ଇଚ୍ଛା ଏହି କି ଯେ, ଆପଣ ମତେ ପ୍ରଭୁଙ୍କ ମାର୍ଗରେ ଜିହାଦ୍ କରିବାପାଇଁ ପ୍ରେରଣ କରିଦିଅନ୍ତୁ ଏପରି କି ମୁଁ ସେହି ମାର୍ଗରେ ଶହୀଦ ହେବାର ସୌଭାଗ୍ୟ ଅର୍ଜନ କରିନେବି । ହଜରତ୍ ଅବୁବକର କହିଲେ, ହେ ବିଲାଲ୍ ମୁଁ ତୁମକୁ ସେହି ପରମସତାଙ୍କ ରାଣ ଦେଇ କହୁଛି ମୁଁ ନିଜର ପରିଣତି ଅବସ୍ଥାରେ ପହଂଚିଗଲାଣି, ଦୁର୍ବଳ ହୋଇଗଲାଣି ମୋର ମୃତ୍ୟୁ ଖୁବ୍ ନିକଟତର ତେଣୁ ତୁମେ ମୋ ନିକଟରେ ହିଁ ରୁହ ଏଥିରେ ସେ ହଜରତ ଅବୁବକରଙ୍କ ଦେହାନ୍ତ ପର୍ଯ୍ୟନ୍ତ ତାଙ୍କ ନିକଟରେ ହିଁ ରହିଥିଲେ । ହଜରତ୍ ଅବୁବକର ର:ଅଙ୍କ ବିୟୋଗପରେ ହଜରତ୍ ବିଲାଲ ର:ଅ, ହଜରତ୍ ଉମର ର:ଅଙ୍କ ନିକଟକୁ ଗଲେ ଏବଂ ତାଙ୍କୁ ମଧ୍ୟ ସେହି ସମାନ କଥା କହିଲେ ଯାହା ସେ ହଜରତ୍ ଅବୁବକର ର:ଅଙ୍କୁ କହିଥିଲେ, ନିବେଦନ କରିଥିଲେ । ହଜରତ୍ ଉମର୍ ର:ଅ ମଧ୍ୟ ସେହି ସମାନ ଉତ୍ତର ଦେଲେ ଯାହା ହଜରତ୍ ଅବୁବକର ର:ଅ ଦେଇଥିଲେ । କିନ୍ତୁ ଏଥର ସେ ତାହା ପାଳନ କଲେ ନାହିଁ ସେ ଜିହାଦ୍‌କୁ ଯିବାପାଇଁ ବାରମ୍ବାର କହିବାରୁ ହଜରତ୍ ଉମର୍ ର:ଅ କହିଲେ, ତେବେ ତୁମ ପରେ ମୁଁ ଅଜାନ୍ ଦେବାପାଇଁ କାହାକୁ ନିୟୋଜିତ କରିବି ? ହଜରତ୍ ବିଲାଲ ର:ଅ ଉତ୍ତର ଦେଲେ ହଜରତ୍ ସାଆଦ୍‌ଙ୍କୁ । କାରଣ ସେ ହଜୁର ସ:ଆ:ସଙ୍କ ସମୟରେ ମଧ୍ୟ ଅଜାନ୍ ଦେଇଛନ୍ତି । ଅତଏବ ହଜରତ୍ ଉମର୍ ର:ଅ ହଜରତ୍ ସାଆଦ୍‌ଙ୍କୁ ଏବଂ ତାଙ୍କ ଅନ୍ତେ ତାଙ୍କ ସନ୍ତାନମାନଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଥିଲେ ଏବଂ ହଜରତ୍ ବିଲାଲଙ୍କ ନିବେଦନ ରକ୍ଷା କରି ତାଙ୍କୁ ଜିହାଦ୍ କରିବାପାଇଁ ପ୍ରେରଣ କରିଦେଇଥିଲେ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୮........... ବେରୁତ ୨୦୧୭)***

ହଜରତ୍ ବିଲାଲ୍ ଓ ହଜରତ୍ ଅବୁବକରଙ୍କ ମଧ୍ୟରେ ଉକ୍ତ କଥୋପକଥନ ଆଉ ଏକ ବର୍ଣ୍ଣନାରେ ଏଭଳି ଦରଜ ରହିଛି ମୁସା ବିନ୍ ମୁହମ୍ମଦ ନିଜ ପିତାଙ୍କ ମାଧ୍ୟମରେ ବର୍ଣ୍ଣନା କରନ୍ତି ଯେ ହଜୁର ସ:ଆ:ସଙ୍କ ଦେହାନ୍ତ ପରେ ସେହି ଦିନ ସେତେବେଳେ ଅଜାନ୍ ଦେଲେ ଯେତେବେଳେ କି ହଜୁର ସ:ଆ:ସଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇନଥିଲା । ଯେତେବେଳେ ସେ **ଅଶ୍‌ହଦୁ ଅନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ** ର ଆବୃତି କଲେ ସେତେବେଳେ ମସଜିଦ୍‌ରେ ଲୋକମାନେ ଏପରି କାନ୍ଦିଲେ ଯେ କାନ୍ଦି କାନ୍ଦି ବେହାଲ ହୋଇଗଲେ । ଯେତେବେଳେ ହଜୁର ସ:ଆ:ସଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପର୍ଣ୍ଣ ହୋଇଗଲା ଏବଂ ହଜରତ୍ ଅବୁବକର ର:ଅ ବିଲାଲଙ୍କୁ ଅଜାନ୍ ଦେବାପାଇଁ କହିଲେ, ସେତେବେଳେ ସେ ପ୍ରତିଉତରରେ କହିଲେ, ଯଦି ଆପଣ ମତେ ଏଥି ନିମନ୍ତେ ସ୍ୱାଧିନ କରିଥିଲେ କି ମୁଁ ଆପଣଙ୍କ ସାଥିରେ ରୁହେ ତେବେ ତ ଆପଣ ଯେମିତି ଆଦେଶ ଦେଲେ ମୋର ସେହିପରି ପାଳନ କରିବା ଅନିର୍ବାର୍ଯ୍ୟ କିନ୍ତୁ ଯଦି ଆପଣ ମତେ ପ୍ରଭୁଙ୍କ ଖାତିର ସ୍ୱାଧିନ କରିଛନ୍ତି ତେବେ ମତେ ସେହି ପ୍ରଭୁଙ୍କ ଖାତିର୍ ଛାଡ଼ି ଦିଅନ୍ତୁ । ଯାହାର ପ୍ରତିଭାଜନ ଲାଭ କରିବାପାଇଁ ସ୍ୱାଧିନ କରିଛନ୍ତି । ହଜରତ୍ ଅବୁବକର ର:ଅ କହିଲେ ମୁଁ ପ୍ରଭୁଙ୍କ ଖାତିର ତୁମକୁ ସ୍ୱାଧିନ କରିଛି । ଏଥି ଉତାରୁ ହଜରତ୍ ବିଲାଲ ର:ଅ କହିଲେ, ମୁଁ ହଜୁର ସ:ଆ:ସଙ୍କ ପରେ ଅନ୍ୟ କାହା ପାଇଁ ଅଜାନ୍ ଦେବିନାହିଁ । ହଜରତ୍ ଅବୁବକର କହିଲେ, ଆପଣଙ୍କ ଇଚ୍ଛା । ଏହାପରେ ହଜରତ୍ ବିଲାଲ ର:ଅ ମଦିନାରେ ହିଁ ଅବସ୍ଥାନ କଲେ ଏପରିକି ହଜରତ୍ ଉମର୍ ର:ଅଙ୍କ ଖିଲାଫତ ସମୟ କାଳରେ ଯେତେବେଳେ ସୈନ୍ୟ ଜିହାଦ୍ ପାଇଁ ପ୍ରେରଣ କରାଗଲେ ସେତେବେଳେ ସେମାନଙ୍କ ସାଥିରେ ସେ ସିରିଆ ଚାଲିଯାଇଥିଲେ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୮........... ବେରୁତ ୨୦୧୭)***

ଅସଦୁଲ୍ ଗାବାଃ ରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ ହଜରତ୍ ବିଲାଲ ର:ଅ, ହଜରତ୍ ଅବୁବକର ର:ଅଙ୍କୁ କହିଲେ ଯଦି ମତେ ନିଜ ପାଇଁ ସ୍ୱାଧିନ କରିଛନ୍ତି ତେବେ ମତେ ନିଜ ନିକଟରେ ରଖନ୍ତୁ କିନ୍ତୁ ଯଦି ଆପଣ ମତେ ପ୍ରଭୁଙ୍କ ଖାତିର ସ୍ୱାଧିନ କରିଛନ୍ତି ତେବେ ମତେ ଜିହାଦ୍ ପାଇଁ ଯିବାକୁ ଦିଅନ୍ତୁ । ଏଥିରେ ହଜରତ୍ ଅବୁବକର ତାଙ୍କୁ କହିଲେ, ତୁମେ ଯାଅ ଅତଏବ ହଜରତ୍ ବିଲାଲ ର:ଅ ସିରିଆ ଚାଲିଯାଇଥିଲେ ଏବଂ ନିଜ ଅନ୍ତିମ ସମୟ ପର୍ଯ୍ୟନ୍ତ ସେହିଠାରେ ହିଁ ଅବସ୍ଥାନ କରିଥିଲେ କିନ୍ତୁ ଅଧିକାଂଶ ବର୍ଣ୍ଣନା ଅନୁଯାୟୀ ସେ ହଜରତ୍ ଅବୁବକର ର:ଅଙ୍କ ସମୟକାଳରେ ନୁହେଁ ବରଂ ହଜରତ ଉମର ର:ଅଙ୍କ ଖିଲାଫତ ସମୟକାଳରେ ସିରିଆ ଯାଇଥିଲେ । ***(ଉସଦୁଲ୍ ଗାବାଃ........ ଖଣ୍ଡ-୧, ପୃ-୪୧୬......... ବେରୁତ ଲେବାନନ୍)***

ଆଉ ଏକ ବର୍ଣ୍ଣନାରେ, ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ବିଲାଲ ର:ଅ ହଜରତ ଅବୁବକର ର:ଅଙ୍କ ଖିଲାଫତ କାଳରେ ମଧ୍ୟ ଅଜାନ୍ ଦେଉଥିଲେ, ଗୋଟିଏ ବର୍ଣ୍ଣନାରେ ଏଭଳି ଲେଖା ବର୍ଣ୍ଣିତ ରହିଛି ଯେ, ଏକଦା ହଜରତ୍ ବିଲାଲ ହଜୁର ସ:ଆ:ସଙ୍କୁ ସ୍ୱପ୍ନରେ ଦେଖିଲେ ଆପଣ କହୁଥିଲେ ହେ ବିଲାଲ ଏହା କିଭଳି ତୁମର କଠୋରତା କଣ ବର୍ତ୍ତମାନ ସେହି ସମୟ ଆସିନାହିଁ କି ତୁମେ ଆମ ଦର୍ଶନ ନିମନ୍ତେ ଚାଲି ଆସିବ ? ହଜରତ୍ ବିଲାଲ ର:ଅ ଅତ୍ୟନ୍ତ ବିଚଳିତ ଅବସ୍ଥାରେ ଜାଗ୍ରତ ହେଲେ ଏବଂ ନିଜ ବାହନ ଧରି ମଦିନା ଅଭିମୁଖେ ବାହାରି ପଡ଼ିଲେ, ହଜୁର ସ:ଆ:ସଙ୍କ ପବିତ୍ର ସମାଧିସ୍ଥଳେ ଉପସ୍ଥିତ ହେଲେ ଏବଂ ଅନବରତ ରୋଦନ କରିଚାଲିଲେ ସେତେବେଳେ ତାଙ୍କର ଅବସ୍ଥା ଏପରି ଥିଲା ଯେମିତି ଜଣେ କଷ୍ଟରେ ଛଟପଟ ହୁଏ । ଇତି ମଧ୍ୟରେ ହଜରତ୍ ହସନ୍ ଓ ହୁସୈନ୍ ମଧ୍ୟ ଆସି ପହଂଚିଗଲେ । ସେମାନଙ୍କୁ ଦେଖି ହଜରତ୍ ବିଲାଲ ର:ଅ ତାଙ୍କୁ ଚୁମ୍ବନ କଲେ ଏବଂ ଆଲିଙ୍ଗନ କଲେ, ହଜରତ୍ ହସନ୍ ଓ ହୁସୈନ୍ ତାଙ୍କୁ କହିଲେ ଆମେ ଚାହୁଁଛୁ କି ସକାଳର ଅଜାନ୍ ଆପଣ ଦିଅନ୍ତୁ । ଅତଏବ ବିଲାଲ୍ ମସଜିଦ୍‌ର ଛାତ ଉପରେ ଚଢ଼ିଗଲେ ଏବଂ ଅଜାନ୍ ଦେଲେ ଯେତେବେଳେ ସେ ଅଲ୍ଲାଃ ହୁ ଅକ୍‌ବର ଉଚ୍ଚାରଣ କଲେ, ବର୍ଣ୍ଣନାକାରୀ କୁହନ୍ତି ସେତେବେଳେ ମଦିନା କମ୍ପି ଉଠିଲା ଆଉ ଯେତେବେଳେ **ଅଶ୍‌ହଦୁ ଅନ୍ ଲା ଇଲାହା ଇଲ୍ଲଲ୍ଲାହୁ** ର ଶବ୍ଦ ଆବୃତି କଲେ ସେତେବେଳେ ତାହା ଅଧିକ ପ୍ରକମ୍ପିତ ହେବାକୁ ଲାଗିଲା ।

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

***ତାଲିବେ ଦୁଆ:*** *Abdul Chand & Family,*
*Jamat Ahmadiyya, Kerang (Odisha)*

ଲୋକେମାନେ ହଠାତ୍ ଜାଗି ଉଠିଲେ, ଆଉ ଯେତେବେଳେ ସେ **ଅଶ୍‌ହଦୁ ଅନ୍ନା ମୁହମ୍ମଦର୍ ରସୁଲୁଲ୍ଲାଃ** ର ଆବୃତି କଲେ ସେତେବେଳେ ମଦିନାର ମହିଳାମାନେ ନିଜ କୋଠରୀରୁ ବାହାରକୁ ଚାଲିଆସିଲେ । ବର୍ଣ୍ଣନାକାରୀ କୁହନ୍ତି ସେହିଦିନ ମହିଳା ଓ ପୁରୁଷମାନଙ୍କ ରୋଦନଠାରୁ ଅଧିକ ରୋଦନ କଦାପି ଶୁଣିବାକୁ ମିଳିନଥିଲା କାରଣ ବିଲାଲଙ୍କ ଅଜାନ୍ ଶୁଣି ହଜୁର ସ:ଆ:ସଙ୍କ ସମୟ ମନେପଡ଼ିଗଲା ଏବଂ ମୁସଲମାନମାନେ ବ୍ୟସ୍ତ ବିବ୍ରତ ହୋଇଉଠିଥିଲେ । ***(ଉସଦୁଲ୍ ଗାବାଃ........ ଖଣ୍ଡ-୧, ପୃ-୪୧୭......... ବେରୁତ ଲେବାନନ୍)***

ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ ସମୟକାଳରେ ଯେତେବେଳେ ହଜ୍‌ରତ୍ ବିଲାଲ ର:ଅ ଜିହାଦ୍‌ରେ ସାମିଲ ହେବାପାଇଁ ବାରମ୍ବାର ନିବେଦନ କଲେ ସେତେବେଳେ ହଜ୍‌ରତ୍ ଉମର ତାଙ୍କୁ ପଚାରିଲେ ତୁମକୁ ଅଜାନ୍ ଦେବା ଅପେକ୍ଷା କେଉଁ କଥା ଅଧିକ ଘାରୁଛି, ଏଥିରେ ସେ ଉତର ଦେଲେ ମୁଁ ହଜୁର ସ:ଆ:ସଙ୍କ ନିର୍ଦ୍ଦେଶ କ୍ରମେ ଅଜାନ୍ ଦେଉଥିଲି ଏପରି କି ଆପଣ ସ:ଆ:ସଙ୍କ ଦେହାନ୍ତ ହୋଇଗଲା । ସେଥିଅନ୍ତେ ମୁଁ ହଜ୍‌ତର୍ ଅବୁବକରଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ପାଇଁ ଅଜାନ୍ ଦେଉଥିଲି କାରଣ ସେ ମୋର ପର୍ଯ୍ୟବେକ୍ଷକ ଥିଲେ । ଏପରିକି ତାଙ୍କର ମଧ୍ୟ ନିଧନ ହେଲା । ମୁଁ ହଜୁର ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଛି ଯେ କୌଣସି ଉପାସନା ଜିହାଦ୍‌ଠାରୁ ବଳି ନୁହେଁ । ଅତଏବ ବିଲାଲ୍ ସିରିଆ ଚାଲିଗଲେ । ଯେତେବେଳେ ହଜ୍‌ରତ୍ ଉମର୍ ସିରିଆ ଗସ୍ତରେ ଯାଇଥିଲେ ସେତେବେଳେ ସେ ବିଲାଲଙ୍କୁ ଅଜାନ୍ ଦେବାପାଇଁ କହିଲେ ବର୍ଣ୍ଣନାକାରୀ କୁହନ୍ତି ସେହିଦିନ ପୂର୍ବରୁ ଆମେ କାହାକୁ କଦାପି ଏପରି ଆକୁଳ ହୋଇ ରୋଦନ କରିବାର ଦେଖିନଥିଲୁ । ***(ଉସଦୁଲ୍ ଗାବାଃ........ ଖଣ୍ଡ-୧, ପୃ-୪୧୬-୪୧୭......... ବେରୁତ ଲେବାନନ୍)***

ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ବିଲାଲଙ୍କ ଅନ୍ତିମ ସମୟର ଚର୍ଚ୍ଚା କରି କୁହନ୍ତି, ଏଠାରେ ବର୍ଣ୍ଣନା ମିଳୁଛି ଯେ ତାଙ୍କୁ କେହି ନିଜ କନ୍ୟା ବିବାହ ଦେବାକୁ ପସନ୍ଦ କରୁନଥିଲେ କିନ୍ତୁ ପୂର୍ବରୁ ଆଲୋଚନା ହୋଇସାରିଛି ତାଙ୍କର ଏକାଧିକ ପତ୍ନୀ ଥିଲେ ସମ୍ଭବତଃ ତାଙ୍କର ସିରିଆ ଯିବାକୁ ନେଇ କେହି ନିଜ କନ୍ୟା ଦେଉନଥିବେ ଅବା ସିରିଆ ଯିବାପରେ ସେଠାରେ କେହି ତାଙ୍କ ସହ ସମ୍ପର୍କ ଯୋଡ଼ିବାକୁ ପସନ୍ଦ କରୁନଥିବେ । ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ଲେଖିଛନ୍ତି ସିରିଆରେ ସେ ଗୋଟିଏ ଯାମାକୁ ନିଜ ପାଇଁ ପ୍ରସ୍ତାବ ପଠାଇଲେ ଏବଂ କହିଲେ ମୁଁ ହେଉଛି ଜଣେ ହବ୍‌ଶି ଯଦି ତୁମେ ଇଚ୍ଛା କର ତେବେ ବନ୍ଧୁ ନ କରିପାର କିନ୍ତୁ ଯଦି ହଜୁର ସ:ଆ:ସଙ୍କ ସାହାବି ମଣି ବିବାହ ପାଇଁ ରାଜି ହୁଅ ତେବେ ଏହା ଆପଣଙ୍କ ଉପକାର ହେବ ଅତଏବ ସେମାନେ ବିବାହଘର ପାଇଁ ରାଜି ହେଲେ ଏପରି ସେ ସିରିଆରେ ହିଁ ରହିଗଲେ । ତେବେ ସେ ଯାହା ହେଉ ଆଗରୁ ମଧ୍ୟ ତାଙ୍କର ଏକାଧିକ ପତ୍ନୀ ଥିଲେ ସମ୍ଭବତଃ ସେମାନଙ୍କର ଦେହାନ୍ତ ଘଟିଥିବ ଅବା କେହି ତାଙ୍କ ସାଥିରେ ସିରିଆ ଯାଇ ନ ଥିବେ ଅବା ସେ ସିରିଆରେ ବିବାହ କରିବାକୁ ମନ ବଳାଇଥିବେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଲେଖିଛନ୍ତି ସେଠାରେ ତାଙ୍କୁ କେହି ନିଜ କନ୍ୟା ଦେବାକୁ ପସନ୍ଦ କରୁନଥିଲେ । ତାହାର କାରଣ କଣ ଥିଲା ତାହା ପ୍ରଭୁ ହିଁ ଭଲ ଭାବରେ ଜାଣିଥିବେ । ସେ ଯାହା ହେଉ ଏପରି ସେ ପ୍ରସ୍ତାବ ପକାଇ ସିରିଆରେ ବିବାହ କରିଥିଲେ ଓ ସେଠାରେ ସ୍ଥାୟୀ ବସତି ସ୍ଥାପନ କରିଥିଲେ ।

ସେ ଯାହା ହେଉ ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ କୁହନ୍ତି ସ୍ୱପ୍ନରେ ସେ ହଜୁର ସ:ଆ:ସଙ୍କୁ ଦେଖିଲେ ହଜୁର ତାଙ୍କୁ କହିଲେ ହେ ବିଲାଲ ତୁମେ ଆମକୁ ଭୁଲିଗଲ ଆମ ସମାଧି ନିକଟକୁ ମଧ୍ୟ ଦର୍ଶନ ନିମନ୍ତେ କଦାପି ଆସିଲ ନାହିଁ । ଅତଏବ ସେ ସଙ୍ଗେ ସଙ୍ଗେ ଉଠିଲେ ଏବଂ ଯାତ୍ରା ପାଇଁ ପ୍ରସ୍ତୁତ ହେଲେ, ତଥା ଆଉ କାଳ ବିଳମ୍ବ ନ କରି ବାହାରି ପଡ଼ିଲେ ମଦିନାରେ ହଜୁର ସ:ଆ:ସଙ୍କ ସମାଧି ନିକଟରେ ଅବିରାମ ରୋଦନ କରି ଦୁଆ କଲେ ଏବଂ ଏଭଳି ବିଭୋର ହୋଇ ରୋଦନ କଲେ ଯେ, ଲୋକମାନେ ଜାଣିନେଲେ କି ବିଲାଲ୍ ଆସିଛନ୍ତି । ସେତେବେଳେ ହଜ୍‌ରତ୍ ହୁସୈନ୍ ଓ ହସନ୍ ର:ଅ ବଡ଼ ହୋଇଯାଇଥିଲେ । ସେମାନେ ଆପଣଙ୍କ ନିକଟକୁ ଆସିଲେ ଏବଂ କହିଲେ, ଆପଣ ହଜୁର ସ:ଆ:ସଙ୍କ ସମୟରେ ଅଜାନ୍ ଦେଉଥିଲେ, ବିଲାଲ କହିଲେ ହଁ, ସେମାନେ ପୁନଶ୍ଚ କହିଲେ ବର୍ତମାନ ଆମକୁ ମଧ୍ୟ ଅଜାନ୍ ଶୁଣାନ୍ତୁ ଅତଏବ ସେ ଅଜାନ୍ ଦେଲେ । ***(ଖୁତ୍‌ବାତେ ମେହମୁଦ୍, ଖଣ୍ଡ-୨୫, ପୃ-୧୮୨, ଖୁତ୍‌ବା ଯୁମା ପ୍ରଦତ ୧୦ ମାର୍ଚ୍ଚ ୧୯୪୪)***

ହଜ୍‌ରତ୍ ଉମର୍ ଯେତେବେଳେ ସିରିଆରେ ଓ୍ୱିଜିଫା ପ୍ରଚଳନ କରିବା ନିମନ୍ତେ କାର୍ଯ୍ୟାଳୟ ସ୍ଥାପନ କଲେ, ଅର୍ଥାତ କୋଷାଗାର ଓ ରେଜିଷ୍ଟର ଆଦି ପ୍ରସ୍ତୁତ କରି ସମସ୍ତ ବ୍ୟବସ୍ଥା କଲେ ଓ ରେକର୍ଡ଼ ଦସ୍ତାବେଜ୍ ଆଜି ରଖିଲେ । ହଜ୍‌ରତ୍ ଉମର୍, ହଜ୍‌ରତ୍ ବିଲାଲ ର:ଅଙ୍କୁ ପଚାରିଲେ ତୁମେ ନିଜ ଓ୍ୱିଜିଫାର ହିସାବ କାହା ପାଖରେ ରଖିବ ଅର୍ଥାତ ନିଜ ପ୍ରତିନିଧି କାହାକୁ ମୁତୟନ କରିବ । ହଜ୍‌ରତ୍ ବିଲାଲ ର:ଅ ଉତର ଦେଲେ ଅବୁ ରୱିହାଙ୍କୁ କାରଣ ହଜୁର ସ:ଆ:ସ ତାଙ୍କ ସହ ମୋର ଭାତୃଭାବର ସମ୍ପର୍କ ସ୍ଥାପନ କରିଥିଲେ । ***(ତବକାତୁଲ୍ କୁବ୍‌ରା......... ଖଣ୍ଡ-୩, ପୃ-୧୭୬........... ବେରୁତ ୨୦୧୭)***

ହଜ୍‌ରତ୍ ବିଲାଲଙ୍କ ସ୍ପଷ୍ଟ ବାକ୍ୟ ଓ ସ୍ପଷ୍ଟବାଦିତା ସମ୍ବନ୍ଧରେ ଏପରି ଉଲ୍ଲେଖ ରହିଛି । ଉମ୍‌ରୋ ବିନ୍ ମୈମୁନ୍ ନିଜ ପିତାଙ୍କ ମାଧ୍ୟମରେ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ବିଲାଲ ର:ଅଙ୍କ ଜଣେ ଭ୍ରାତା ନିଜକୁ ଆରବୀୟ ମଣୁଥିଲେ ଏବଂ କହୁଥିଲେ ମୁଁ ଆରବ ବଂଶଧର ସେ ଜଣେ ଆରବୀ ମହିଳାଙ୍କ ନିକଟକୁ ବିବାହ ପ୍ରସ୍ତାବ ପ୍ରେରଣ କରିଥିଲେ । ସେ କହିଲେ ଯଦି ହଜ୍‌ରତ୍ ବିଲାଲ୍ ଆସନ୍ତି ତେବେ ଯାଇ ମୁଁ ତୁମ ସହ ବିବାହ କରିବି ଅର୍ଥାତ ସେହି ମହିଳା ତାଙ୍କୁ ଏ ଉତର ଦେଲେ ଯେ ଯଦି ହଜ୍‌ରତ୍ ବିଲାଲ ର:ଅ ଆସନ୍ତି ତେବେ ଯାଇ ମୁଁ ତୁମ ସହ ବିବାହ କରିବି । ଅତଏବ ହଜ୍‌ରତ୍ ବିଲାଲ ର:ଅ ଆସିଲେ ଏବଂ ତଶ୍‌ହୁଦ୍ ପାଠ କଲେ ଏବଂ ନିଜର ପରିଚୟ ଦେଇ କହିଲେ ମୁଁ ବିଲାଲ୍ ବିନ୍ ରବାହା । ଏ ମୋର ଭାଇ ସେ ଚରିତ୍ର ଓ ଧାର୍ମିକ ଦୃଷ୍ଟିକୋଣରୁ ଜଣେ ଉତମ ବ୍ୟକ୍ତି ନୁହେଁ ଯଦି ତାହା ସହ ବିବାହ କରିବାକୁ ଇଚ୍ଛୁକ ତେବେ କରିନିଅ ନଚେତ ମନା କରିଦିଅ । ଏଥିରେ ସେହି ମହିଳା ଉତର ଦେଲେ ଯେ ଯଦି ଇଏ ଆପଣଙ୍କର ଭାଇ ତାହା ସହ ମୁଁ ବିବାହ କରିବାକୁ ପ୍ରସ୍ତୁତ ଅଛି ଅତଃ ସେ ବିଲାଲଙ୍କ ଭାଇଙ୍କ ସହ ବିବାହ କରିନେଇଥିଲେ । ***(ତବକାତୁଲ୍ କୁବ୍‌ରା......... ଖଣ୍ଡ-୩, ପୃ-୧୭୯........... ବେରୁତ ୨୦୧୭)***

ଜୈଦ୍ ବିନ୍ ଅସ୍‌ଲମ୍ ବର୍ଣ୍ଣନା କରନ୍ତି, ବନୁ ଅବୁବକର ହଜୁର ସ:ଆ:ସଙ୍କ ନିକଟକୁ ଆସିଲେ ଏବଂ କହିଲେ ହଜୁର ଆମ ଭଗିନୀର ବିବାହ ଅମୁକ ବ୍ୟକ୍ତି ସହ କରିଦିଅନ୍ତୁ । ହଜୁର ସ:ଆ;ସ କହିଲେ ବିଲାଲଙ୍କ ପ୍ରସଙ୍ଗରେ ତୁମର ମତ କଣ, ସେମାନେ ପୂର୍ନବାର ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ ସେହି ସମାନ କଥା କହିଲେ ଯେ, ଆମ ଭଗିନୀର ବିବାହ ଅମୁକ ବ୍ୟକ୍ତି ସହ କରାଇଦିଅନ୍ତୁ । ହଜୁର ସ:ଆ:ସ ମଧ୍ୟ ତାଙ୍କୁ ସେହି ସମାନ ଉତର ଦେଇଥିଲେ ଯେ ବିଲାଲଙ୍କ ପ୍ରସଙ୍ଗରେ ତୁମର ମତ କଣ? ସେଠାରୁ ସେମାନେ ଚାଲିଯାଇଥିଲେ ଏବଂ ତୃତୀୟ ଥର ସେହି ସମାନ କଥା କହିଥିଲେ, ହଜୁର ସ:ଆ:ସ କହିଲେ, ତୁମମାନଙ୍କର ସେହି ବ୍ୟକ୍ତି ପ୍ରସଙ୍ଗରେ କଣ ମତ ରହିଛି, କଣ ଧାରଣା ରହିଛି ଯେ ବୈକୁଣ୍ଠବାସୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ? ବର୍ଣ୍ଣନାକାରୀ କୁହନ୍ତି ଏଥିରେ ସେମାନେ ନିଜ ଭଉଣୀର ବିବାହ ହଜ୍‌ରତ୍ ବିଲାଲ ର:ଅଙ୍କ ସହିତ କରିଦେଇଥିଲେ । ***(ତବକାତୁଲ୍ କୁବ୍‌ରା......... ଖଣ୍ଡ-୩, ପୃ-୧୭୯........... ବେରୁତ ୨୦୧୭)***

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଲେଖିଛନ୍ତି : ଏକଦା ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ ସମୟ କାଳରେ ଅବୁ ସୁଫିୟାନ ଓ ଅନ୍ୟ କିଛି ମାନ୍ୟଗଣ୍ୟ ବ୍ୟକ୍ତି ଯିଏ ମକ୍କା ବିଜୟ ସମୟରେ ମୁସଲମାନ ହୋଇଥିଲେ, ହଜ୍‌ରତ୍ ଉମର୍‌ଙ୍କ ସହ ସାକ୍ଷାତ କରିବାକୁ ଆସିଲେ, ସୌଭାଗ୍ୟବଶତଃ ସେତେବେଳେ ବିଲାଲା, ଅମାର୍ ଏବଂ ସୋହେବ ଆଦି ସାହାବାମାନେ ମଧ୍ୟ ଆପଣଙ୍କ ସହ ସାକ୍ଷାତ କରିବାପାଇଁ ଆସି ପହଂଚିଥିଲେ ଏମାନେ ସେହି ଲୋକଥିଲେ ଯେ କ୍ରୀତଦାସ ରହିଥିଲେ ଓ ଅତି ଗରୀବ ଶ୍ରେଣୀର ଲୋକେ ଥିଲେ କିନ୍ତୁ ପ୍ରାରମ୍ଭିକ ମୁସଲମାନମାନଙ୍କ ମଧ୍ୟରୁ ଥିଲେ । ହଜ୍‌ରତ୍ ଉମର ର:ଅଙ୍କୁ ସୁଚନା ମିଳିବାରୁ ସେ ସର୍ବପ୍ରଥମେ ସେହି ସାହାବାଙ୍କ ସହ ସାକ୍ଷାତ କରିବାକୁ ପସନ୍ଦ କରିଥିଲେ । ଅବୁ ସୁଫିୟାନ ଯାହା ଅନ୍ତରରେ ସେ ପର୍ଯ୍ୟନ୍ତ ମୂର୍ଖତାର ଭାବନା ବିଦ୍ୟମାନ ଥିଲ. ଏହି ଦୃଶ୍ୟ ଦେଖି ତା ମନପ୍ରାଣରେ ନିଆଁ ଲାଗିଗଲା । ସେ କହିଲା ଏପରି ତିରସ୍କାରର ଦିନ ଆମକୁ ଦେଖିବା ବାକି ରହିଥିଲା । ସୋହେଲ୍ ସଙ୍ଗେ ସଙ୍ଗେ ଉତର ଦେଲେ ତେବେ ଏହା କାହାର ଦୋଷ? ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଆମ ସମସ୍ତଙ୍କୁ ପ୍ରଭୁଙ୍କ ମାର୍ଗଆଡ଼କୁ ଆମନ୍ତ୍ରିତ କରିଥିଲେ କିନ୍ତୁ ତୁମେମାନେ ସଙ୍ଗେସଙ୍ଗେ ତାହାର ପ୍ରତ୍ୟାଖାନ, ଅମାନ୍ୟ ଓ ଅସ୍ୱୀକାର କରିଥିଲ ଏଣୁ ଆଜି ସେମାନେ ଆମ୍ଭ ଉପରେ ଆଜି ପ୍ରାଧାନ୍ୟ ବିସ୍ତାର କରିବେ ନାହିଁ ତ ଆଉ କଣ ହେବ । ***(ସିରତ୍ ଖାତ୍‌ମୁନ୍ ନବିୟିନ୍........ ପୃ-୩୬୯)***

ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ଉକ୍ତ ଘଟଣା ଓ ହଜ୍‌ରତ୍ ବିଲାଲଙ୍କ ଉଚ୍ଚ ପଦ ଓ ସ୍ତରର ଚର୍ଚ୍ଚା କରି ବର୍ଣ୍ଣନା କରନ୍ତି କି ହଜ୍‌ରତ୍ ଉମର ର:ଅ ନିଜ ଖିଲାଫତ ସମୟ କାଳରେ ଏକଦା ମକ୍କା ଆସିଲେ ସେତେବେଳେ ସେହି କ୍ରୀତଦାସ ଯାହାଙ୍କ ତ୍ରୁଟି ଧରି ଲୋକମାନେ ଘୋଷାରୁ ଥିଲେ, ହଜ୍‌ରତ୍ ଉମର୍ ର:ଅଙ୍କୁ ସାକ୍ଷାତ କରିବା ସକାଶେ ଆପଣଙ୍କ ସେବାରେ ଜଣ ଜଣ କରି ଉପସ୍ଥିତ ହେଲେ । ତାହା ଇଦ୍‌ର ଦିନ ଥିଲା ହଜ୍‌ରତ୍ ବିଲାଲ ର:ଅ ମଧ୍ୟ ସେମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ଏବଂ ସେହି ଗୁଲାମମାନେ ଆସିବା ପୂର୍ବରୁ ବଡ଼ ବଡ଼ ସର୍ଦ୍ଦାରମାନଙ୍କ ସନ୍ତାନମାନେ ହଜ୍‌ରତ୍ ଉମରକୁ ସଲାମ କରିବା ପାଇଁ ସେଠାରେ ଉପସ୍ଥିତ ହୋଇସାରିଥିଲେ । ବର୍ତମାନ ସେମାନେ ବସିଥିଲେ ଯେ, ହଜ୍‌ରତ୍ ବିଲାଲ ର:ଅ ଆସି ପହଂଚିଗଲେ ଯାହାଙ୍କ ଉପରେ ସେମାନେ ଅତ୍ୟାଚାର କରୁଥିଲେ ତାଙ୍କ ଫୁଙ୍ଗୁଳା ଶରୀରରେ ଜୋତା ପିନ୍ଧି ନାଚୁଥିଲେ, ତାଙ୍କ ଛାତି ଉପରେ ଓଜନିଆ ପଥର ଖଣ୍ଡମାନ ରଖିଦେଉଥିଲେ ଏବଂ କହୁଥିଲେ ବର୍ତମାନ କୁହ ତୁମ ଉପାସ୍ୟ ଲାତ୍ ଓ ଉଜ୍ଜା କିନ୍ତୁ ସେ **ଅଶ୍‌ହଦୁ ଅନ୍ ଲା ଇଲାହା ଇଲ୍ଲଲ୍ଲାହୁ** କହୁଥିଲେ । ହଜ୍‌ରତ୍ ଉମର୍ ଯେତେବେଳେ ହଜ୍‌ରତ୍ ବିଲାଲ ର:ଅଙ୍କୁ ଦେଖିଲେ, ସେତେବେଳେ ସେହି ଧର୍ନାଢ଼୍ୟ ବ୍ୟକ୍ତିମାନଙ୍କୁ କହିଲେ, ଆପଣମାନେ ଟିକେ ପଛକୁ ଘୁଂଚିଯାଆନ୍ତୁ ଏବଂ ବିଲାଲଙ୍କୁ ବସିବାକୁ ସ୍ଥାନ ଦିଅନ୍ତୁ । ସେମାନେ ସେହିଠାରେ ବସିଥିଲେ ଯେ ଆଉ ଜଣେ କ୍ରୀତଦାସ ଆସି ପହଂଚିଗଲେ, ହଜ୍‌ରତ୍ ଉମର ତାଙ୍କୁ ଦେଖି ସେହି ଧର୍ନାଢ଼୍ୟ ବ୍ୟକ୍ତିମାନଙ୍କୁ କହିଲେ ଆପଣ ଟିକେ ପଛକୁ ଘୁଂଚିଯାଆନ୍ତୁ ।

କିଛି କ୍ଷଣ ପରେ ଆଉ ଜଣେ କ୍ରୀତଦାସ ଆସି ପହଂଚିଲେ ହଜ୍‌ରତ୍ ଉମର୍ ଉକ୍ତ ଧର୍ନାଢ଼୍ୟ ବ୍ୟକ୍ତିମାନଙ୍କୁ ସେହି ସମାନ କଥା କହିଲେ ଏବଂ ସେହି ସାହାବାମାନଙ୍କୁ ବସିବାକୁ ସ୍ଥାନ ଦେଇଥିଲେ, ତାଙ୍କୁ ଅଗ୍ରାଧିକାର ଦେଇଥିଲେ । ବାସ୍ତବରେ ପ୍ରଭୁ ସେମାନଙ୍କ ମର୍ଯ୍ୟାଦା ହାନୀ କରିବାପାଇଁ ଏଭଳି ପରିସ୍ଥିତି ଉପୁଜାଇଥିଲେ । ତେଣୁ ଜଣକ ପରେ ଜଣେ ଆଠ ଦଶ ଜଣ କ୍ରୀତଦାସ ଆସି ପହଂଚିଲେ ଯେକି ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସାହାବି ଥିଲେ ଏବଂ ପ୍ରତ୍ୟେକ ଥର ଉମର ସେହି ଧର୍ନାଢ଼୍ୟ ବ୍ୟକ୍ତିମାନଙ୍କୁ ପଛକୁ ହଟିବାକୁ କହୁଥିଲେ, ସେତେବେଳେ ବଡ଼ ବଡ଼ ହଲ୍ ନଥିଲା ବରଂ ସାଧାରଣ ଛୋଟ ଛୋଟ କୋଠରୀ ରହିଥିଲା ଯେଉଁଠାରେ ଅଧିକ ସଂଖ୍ୟକ ଲୋକ ବସିବା ସମ୍ଭବ ନଥିଲା । ଯେତେବେଳେ ସାହାବାମାନେ କୋଠରୀରେ ଭରିଗଲେ ସେତେବେଳେ ସେମାନଙ୍କୁ ବାଧ୍ୟ ହୋଇ ଅର୍ଥାତ ଉକ୍ତ ଧର୍ନାଢ଼୍ୟ ବ୍ୟକ୍ତିମାନଙ୍କୁ ବାଧ ହୋଇ ଜୋତା ରଖିବା ସ୍ଥାନରେ ବସିବାକୁ ପଡ଼ିଥିଲା । ଏହି ତିରସ୍କାର ସେମାନଙ୍କୁ ବରଦାସ୍ତ ହୋଇନଥିଲା ସେମାନେ ବାହାରକୁ ଚାଲିଆସିଥିଲେ ଏବଂ ବାହାରକୁ ଆସି ପରସ୍ପର ସହ କଥାବାର୍ତା ହୋଇଥିଲେ ଏବଂ କହିଲେ, ଦେଖିଲ ଆଜି କିଭଳି ଆମକୁ ଅପମାନ ସହ୍ୟ କରିବାକୁ ପଡ଼ିଲା ଏହି ଦାସମାନେ ଯିଏ ଆମ ସେବା କରୁଥିଲେ ଆଜି ସେମାନଙ୍କୁ ଆଗରେ ସ୍ଥାନ ମିଳିଲା କିନ୍ତୁ ଆମକ ପଛକୁ ଯିବାକୁ ବାଧ କରାଗଲା । ଏପରି ଆମେମାନେ ଜୋତା ରଖିବା ସ୍ଥାନରେ ଯାଇ ପହଂଚିଗଲେ ଆଜି ଆମେ ସମସ୍ତଙ୍କ ଗହଣରେ ନିନ୍ଦିତ ଓ ଅପମାନିତ ହେଲେ । ସେମାନଙ୍କ ମଧ୍ୟରେ ଯିଏ ସବୁଠାରୁ ବୁଦ୍ଧିମାନ ବ୍ୟକ୍ତି ଥିଲା, ସେ କହିଲା ଠିକ୍ କଥା କିନ୍ତୁ ପ୍ରଶ୍ନ ଉଠୁଛି ଏହା କାହା କର୍ମଫଳ ଏବଂ ଏଭଳି ଘଟିବା ପଛରେ କାହାର ହାତ ରହିଛି ଆମ ବାପ ଅଜାଙ୍କର ଯିଏ ହଜୁର ସ:ଆ:ସ ଓ ତାଙ୍କ ସାଥିଙ୍କୁ ପିଟୁଥିଲେ, କଷ୍ଟ ଦେଉଥିଲେ ଯେବେ କି ସେହି ସମୟରେ ଏହି ଦାସମାନେ ହଜୁର ସ:ଆ:ସଙ୍କ ଉପରେ ନିଜ ମନପ୍ରାଣ ଉତ୍ସର୍ଗୀକୃତ କରିଦେଇଥିଲେ । ଆଜି ତୁମମାନଙ୍କର ନୁହେଁ ବରଂ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ରାଜୁତି ଚାଲିଛି ତେଣୁ ତୁମେ ନିଜେ ନିଷ୍ପତି କରିନିଅ ତାଙ୍କ ମାନ୍ୟକାରୀ କାହାକୁ ସମ୍ମାନ ପ୍ରଦାନ କରିବେ ? ତୁମମାନଙ୍କୁ ନା ଯିଏ ଇସ୍‌ଲାମ୍‌ର ଖାତିର ବଳିଦାନ କରିଛନ୍ତି ? ଏ ସବୁ ତୁମ ବାପାଅଜାଙ୍କ କର୍ମର ଫଳ । ଏକଥା ସେମାନେ ବୁଝିପାରିଲେ ଅତଏବ ସେମାନେ କହିଲେ, କଣ ଏହି ଅପମାନର କିଛି ଉପଚାର ଅଛି ନା ନାହିଁ । ନିଃସନ୍ଦେହ ଆମ ବାପଅଜା ଭୁଲ୍ କରିଛନ୍ତି କିନ୍ତୁ ତାହାର ତ ନିଶ୍ଚିତ କିଛି ପ୍ରତିକାର ଥିବ । ଯେଉଁଥିରେ ଏହି ଅପମାନର କାଳିମାକୁ ଆମେ ନିଜ ମଥାରୁ ଦୂର କରିପାରିବା । କିନ୍ତୁ ସେମାନଙ୍କୁ କୌଣସି ବାଟ ଦୃଶ୍ୟମାନ ହେଉନଥିଲା ଶେଷରେ ସେମାନେ କହିଲେ ଚାଲ ହଜ୍‌ରତ୍ ଉମର ର:ଅଙ୍କୁ ପଚାରିବା ଏହାର ସମାଧାନ କଣ ? ଯେତେବେଳେ ସେମାନେ ପୂର୍ନବାର ହଜ୍‌ରତ୍ ଉମର ର:ଅଙ୍କ ନିକଟକୁ ଆସିଲେ ସେତେବେଳେ ସଭା ସମାପ୍ତ ହୋଇଯାଇଥିଲା ଏବଂ ସମସ୍ତ ସାହାବା ସେଠାରୁ ଚାଲିଯାଇଥିଲେ ସେମାନେ ହଜ୍‌ରତ୍ ଉମର୍‌ଙ୍କୁ କହିଲେ, ଆଜି ଆପଣଙ୍କ ସଭାରେ ଆମକୁ ଯେଉଁ ପୀଡ଼ା ଓ ଅପନିନ୍ଦା ପହଂଚିଲା ତାହାର ପ୍ରତିକାର ପାଇଁ ଆମେ ଆପଣଙ୍କ ସହ ପରାମର୍ଶ କରିବାକୁ ଆସିଛୁ । ହଜ୍‌ରତ୍ ଉମର କହିଲେ, ଦେଖ ମତେ ଭୁଲ ବୁଝନାହିଁ । ସେମାନେ ହଜୁର ସ:ଆ:ସଙ୍କ ସାହାବି ଥିଲେ ହଜୁର ସ:ଆ:ସଙ୍କ ସଭାରେ ସର୍ବଦା ଆଗରେ ବସୁଥିଲେ ତେଣୁ ମୁଁ ମଧ୍ୟ ତାଙ୍କୁ ସେମାନଙ୍କ ଅଧିକାର ଦେବାପାଇଁ ବାଧ ହେଲି । ନିଃସନ୍ଦେହ ତୁମ୍‌କୁ ଏତଦ୍‌ଦ୍ୱାରା କଷ୍ଟ ହୋଇଥିବ ଏଥିରେ ସେମାନେ କହିଲେ ହଁ ଆମେ ଆପଣଙ୍କ ବିବଶତା ବୁଝୁଚୁ କିନ୍ତୁ ଆମେ ମାତ୍ର ଏତିକି ଜାଣିବାକୁ ଚାହୁଁଛୁ କି ଏହି ଅପମାନର କାଳିମାକୁ ଆମେ କିଭଳି ଧୋଇପାରିବୁ କଣ କିଛି ଏଥିପାଇଁ ଜଳ ରହିଛି ? ହଜ୍‌ରତ୍ ଉମର୍ ଯେ କି ସେମାନଙ୍କ ବାପଅଜାଙ୍କ ବଡ଼ପଣିଆ ଓ ଭବ୍ୟତାକୁ ପୂର୍ବରୁ ଦେଖିଥିଲେ, ସେହି ଯୁବକମାନଙ୍କର ଏପରି ଉକ୍ତି ଶୁଣି ଆପଣଙ୍କ ଚକ୍ଷୁରେ ଲୁହ ଭରି ଆସିଲା ଯେ ଏମାନେ ନିଜ ଅପକର୍ମ ଯୋଗୁଁ କେଉଁ ସ୍ତରରୁ କେଉଁ ସ୍ତରରେ ପହଂଚିଯାଇଛନ୍ତି । ଆପଣ ଏଭଳି ଭାବବିହ୍ୱଳ ହୋଇପଡ଼ିଲେ ଯେ ଆଗକୁ ସେମାନଙ୍କୁ କିଛି କହିପାରିଲେ ନାହିଁ କେବଳ ହାତ ଉଠାଇ ସିରିଆ ଆଡ଼କୁ ଇସାରା କଲେ । ଯେଉଁଠାରେ ସେତେବେଳେ ମୁସଲମାନମାନଙ୍କର କୈଶର୍ ସହ ଯୁଦ୍ଧ ଚାଲିଥିଲା ଅର୍ଥାତ ତୁମେମାନେ ସେହି ଯୁଦ୍ଧରେ ସାମିଲ ହୋଇ ନିଜ ମଥାରେ ଲାଗିଥିବା କାଳିମାକୁ ଧୋଇପାରିବ । ଅତଏବ ସେମାନେ ସେହିଠାରୁ ବାହାରି ପଡ଼ିଲେ ଏବଂ ସେହି କ୍ଷଣି ନିଜ ନିଜ ବାହନ ଉପରେ ଆରୋହଣ କରି ସିରିଆ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ଇତିହାସ ପୃଷ୍ଠାରେ ଦରଜ ରହିଛି ଯେ ସେମାନଙ୍କ ମଧ୍ୟରୁ ଜଣେ ହେଲେ ମଧ୍ୟ ଜୀବିତ ଫେରିନଥିଲେ । ଏହିପରି ସେମାନେ ନିଜ ପ୍ରାଣର ଆହୁତି ଦେଇ ସେହି ଅପମାନର କାଳିମାକୁ ପୋଛି ଦେଇଥିଲେ ଯାହାକି ସେମାନଙ୍କ ମଥାରେ ନିଜ ବାପ ଅଜାଙ୍କ କର୍ମ ଯୋଗୁଁ ଲାଗିଥିଲା । ***(ତଫ୍‌ସିର୍ କବୀର, ଖଣ୍ଡ-୯, ପୃ-୨୮୯-୨୯୦)***

ଅତଏବ ବଳିଦାନ ଦେବାରେ ହିଁ ମଣିଷକୁ ମର୍ଯ୍ୟାଦା ପ୍ରାପ୍ତ ହୋଇଥାଏ ଏବଂ ଇସ୍‌ଲାମ୍‌ର ଏହି ସୁନ୍ଦର ଶିକ୍ଷା ରହିଛି କି ଯେ, ବଳିଦାନ ଦେଇଥାନ୍ତି ଯେ ପ୍ରାରମ୍ଭରୁ ବିଶ୍ୱସ୍ତତା ପ୍ରଦର୍ଶନ କରିଥାନ୍ତି ସେମାନଙ୍କ ସ୍ତର ସୁନିଶ୍ଚିତ ରୂପେ ଉର୍ଦ୍ଧରେ ରହିଥାଏ ତେଣିକି ସେ ହବଶି ଦାସ ହୋଇଥାଉ ଅବା କୌଣସି ନିମ୍ନ ବର୍ଗର ଲୋକ । ପ୍ରତ୍ୟେକଙ୍କୁ ତାଙ୍କ ମେରିଟି ଅନୁଯାୟୀ ପଦ ଓ ସ୍ତର ଲାଭ ହୋଇଥାଏ ଏପରି ନୁହେଁ କି ଧନୀ ଓ କିମ୍ବା ଗରିବ ଦେଖି ତାହାକୁ ପଦ ଓ ସ୍ତର ମିଳେ । ଯଦି ନିଜକୁ ଉତ୍ସର୍ଗ କରି ନିଜର ସର୍ବସ୍ୱ ବଳିଦାନ କରିବାର ଭାବନା ନେଇ ଆସିବେ ଏବଂ ବଳିଦାନ କରିବେ, ତେବେ ସେହି ସ୍ତର ନିଶ୍ଚିତ ପ୍ରାପ୍ତ କରିନେବେ, ହଜ୍‌ରତ୍ ବିଲାଲଙ୍କ ଜୀବନିର କିଛି ଅଂଶ ବାକି ଅଛି ଯାହାକି ଆସନ୍ତା ଖୁତବାରେ ମୁଁ ବର୍ଣ୍ଣନା କରିବି ।

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ସେଥିରେ ଉପଦେଶ ପ୍ରଦାନ କଲେ ।

୧୧:୨୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ମୋକରମ୍ ଅମୀର ସାହେବ ହଲାଣ୍ଡ ହିବତୁନ୍ ନୂର ଫରହାଖନ୍ ସାହିବ ଏବଂ ମୋକରମ୍ ହାମିଦ୍ କରିମ୍ ମହମୁଦ୍ ସାହେବ ମୁବଲ୍ଲିଗ୍ ସିଲସିଲା ନନ୍‌ସ୍ପିଟ୍ ହଲାଣ୍ଡଙ୍କୁ ମନେ ପକାଇଲେ । ଦୁଇଜଣଯାକ ହଜୁରଙ୍କ ସହିତ ଦଫ୍‌ତରି ସାକ୍ଷାତକାର କରିବାର ସୌଭାଗ୍ୟ ପାଇଲେ । ହଜୁର ଅନଓ୍ୱର ଅ:ବ:ଅ ସେମାନଙ୍କୁ କେତେକ ଜରୁରୀ ଉପଦେଶ ପ୍ରଦାନ କଲେ ।

**ହଲାଣ୍ଡରୁ ଫ୍ରାନ୍ସ ନିମନ୍ତେ ଗସ୍ତ**

ହଲାଣ୍ଡର ବିଭିନ୍ନ ଇଲାକାରୁ ଯମାତ୍‌ର ସଦସ୍ୟମାନେ ପୁରୁଷ ଓ ମହିଳା ହଜୁର ଅନଓ୍ୱର ଅ:ବ:ଅଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବାପାଇଁ ସକାଳୁ ଯମାତ୍‌ର ମର୍କଜ ବଇତୁଲ୍ ନୂରଠାରେ ଏକାଠି ହେବା ଆରମ୍ଭ କରିଦେଇଥିଲେ । ଠିକ୍ ୧୧:୨୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଓ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଲେ ତା'ପରେ ଦୁଆ କରାଇଲେ । ତା'ପରେ କାଫିଲା ନନ୍‌ସ୍ପିଟ୍‌ରୁ ଫ୍ରାନ୍ସ ନିମନ୍ତେ ଯାତ୍ରା ଆରମ୍ଭ କଲା ।

ନନ୍‌ସ୍ପିଟ୍‌ରୁ ଫ୍ରାନ୍ସର ସହର Trie-Chateau (ଯେଉଁଠି ଯମାତ୍ ଅହେମଦୀୟା ଫ୍ରାନ୍ସର ନୂଆ ଖରିଦ ହୋଇଥିବା ସେଂଟର "ବଇତୁଲ୍ ଅତା" ଅଛି)ର ଦୂରତା ୫୩୬ କିମି । ୧୩୦ କିମି ଦୂରତା ଅତିକ୍ରମ କରିବାପରେ ହଲାଣ୍ଡ ଦେଶର ସୀମା ପାର କରି ବେଲ୍‌ଜିୟମ ଦେଶରେ ପ୍ରବେଶ କଲେ ।

ପ୍ରୋଗ୍ରାମ ମୁତାବକ ଫ୍ରାନ୍ସ ଯମାତ ବେଲ୍‌ଜିୟମର ସହର Korjrijk ର ନିକଟରେ ଅବସ୍ଥିତ ଗୋଟିଏ ବଡ଼ କସବା Sint-anna ର ଗୋଟିଏ ହୋଟେଲ "Hostellerie Klokhof"ଠାରେ ଜୋହର୍ ଏବଂ ଅସର ନମାଜ ପଢ଼ିବା ନିମନ୍ତେ ଏବଂ ଦ୍ୱିପ୍ରହର ଭୋଜନର ବ୍ୟବସ୍ଥା କରିଥିଲା । ଫ୍ରାନ୍ସରୁ ଆସିଥିବା ଓ୍ୱଫଦ୍ ସେଥିରେ ମୋକରମ୍ ଆମୀର ସାହେବ ଫ୍ରାନ୍ସ ଅଶ୍‌ଫାକ୍ ରବାନି ସାହେବ୍, ମୋକରମ୍ ଫହିମ୍ ଅହେମଦ୍ ନିଆଜ୍ ସାହେବ୍ ଜେନେରାଲ୍ ସେକ୍ରେଟାରୀ, ମୋକରମ୍ ଅସ୍‌ଲମ୍ ଦୁବୁରି ସାହେବ ନାଏବ ଅମୀର ଯମାତ୍ ଫ୍ରାନ୍ସ, ମୋକରମ୍ ମନସୁର୍ ଅହେମଦ୍ ହ୍ୱେନସ୍ ସାହେବ ନ୍ୟାସନାଲ ସେକ୍ରେଟାରୀ ତର୍‌ବିୟତ, ମୋକରମ୍ ଜମିଲୁର୍ ରହମାନ୍ ସାହେବ ସଦର ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଫ୍ରାନ୍ସ ନିଜ ସିକ୍ୟୁରିଟି ଟିମ୍ ସହିତ ସାମିଲ ଥିଲେ ।

ହଲାଣ୍ଡ ଦେଶର ସୀମା ପାର କରି ବେଲ୍‌ଜିୟମ ଦେଶରେ ପ୍ରବେଶ ହେବା ପରେ ପୁଣି ୧୫୫ କିମି ରାସ୍ତା ଅତିକ୍ରମ କରି ଠିକ୍ ୨:୧୫ ମିନିଟରେ କସବା Sint-anna ର ହୋଟେଲ "Hostellerie Klokhof"ରେ ପହଂଚିଲେ , ଯେଉଁଠି ଅମୀର ସାହେବ ଫ୍ରାନ୍ସ ନିଜ ପ୍ରତିନିଧିମଣ୍ଡଳ ସହିତ ମିଶି ହଜୁରଙ୍କୁ ସ୍ୱାଗତ କଲେ ଏବଂ ଅଭିନନ୍ଦନ ଜଣାଇଲେ ଓ ହଜୁରଙ୍କ ସହିତ କରମର୍ଦ୍ଦନ କଲେ । ଏଠି ନମାଜ ପାଠ କରିବା ନିମନ୍ତେ ଗୋଟିଏ ହଲ୍ ଭିତରେ ବ୍ୟବସ୍ଥା କରାଯାଇଥିଲା ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୨:୪୦ ମିନିଟରେ ସେଠାରେ ପହଂଚି ଜୋହର୍ ଏବଂ ଅସର ନମାଜ ଜମା କରି ପଢ଼ାଇଲେ ।

ନମାଜ ପାଠ ଓ ପୁଣି ଦ୍ୱିପ୍ରହର ଭୋଜନ ଶେଷ କରିବା ପରେ ପୁଣି ଆଗକୁ ଫ୍ରାନ୍ସ ଯିବାର ପ୍ରୋଗ୍ରାମ ଥିଲା ଯାତ୍ରା କରିବା ପୂର୍ବରୁ ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ହଲାଣ୍ଡରୁ ଏ ପର୍ଯ୍ୟନ୍ତ କାଫିଲା ସହିତ ଆସିଥିବା ପ୍ରତିନିଧିମଣ୍ଡଳଙ୍କ ସଙ୍ଗେ ହାତ ମିଳାଇବାର ସୁଯୋଗ ପ୍ରଦାନ କଲେ । ହଲାଣ୍ଡରୁ ମୋକରମ୍ ହିବତୁଲ୍ ନୂର୍ ଫରହାଖନ୍ ସାହେବ ଅମୀର ଯମାତ୍ ହଲାଣ୍ଡ, ମୋକରମ୍ ଅବ୍‌ଦୁଲ୍ ହମିଦ୍ ଦରଫିଲ୍‌ଦନ୍ ସାହେବ୍ ନାଏବ ଅମୀର ହଲାଣ୍ଡ, ମୋକରମ୍ ନଇମ୍ ଅହେମଦ୍ ଓ୍ୱଡ଼ାଇଚ୍ ସାହେବ୍ ମୁବଲିଗ୍ ଇନଚାର୍ଜ ହଲାଣ୍ଡ, ମୋକରମ୍ ଜୁବୈର୍ ଅକ୍‌ମଲ୍ ସାହେବ୍ ନ୍ୟାସନାଲ ସେକ୍ରେଟାରୀ ତାଲିମୁଲ୍ କୁରଆନ୍ ଓ୍ୱ ଓ୍ୱକ୍‌ଫେ ଆର୍‌ଜି, ମୋକରମ୍ ଜିଲୁର୍ ରହ୍‌ମାନ୍ ସାହେବ ଇଂଟରନାଲ୍ ଅଡ଼ିଟର, ମୋକରମ୍ ସମର୍ ଅହେମଦ୍ ନାସିର୍ ସାହେବ୍ ସେକ୍ରେଟାରୀ ଜାଏଦାଦ୍, ମୋକରମ୍ ଚୌଧୁରୀ ମୁବଶିର୍ ଅହେମଦ୍ ସାହେବ୍ ଅଫିସର ଜଲ୍‌ସା ସାଲାନା, ମୋକରମ୍ ଚୌଧୁରୀ ଲଇକ୍ ଅହେମଦ୍ ସାହେବ୍ ଏବଂ ମୋକରମ୍ ଉସ୍‌ମାନ୍ ଅହେମଦ୍ ସାହେବ ସଦର ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ହଲାଣ୍ଡ ନିଜ ଖୁଦାମଙ୍କ ସିକ୍ୟୁରିଟି ଟିମ୍ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କୁ ବିଦାୟ ଜଣାଇବାପାଇଁ ଏ ପର୍ଯ୍ୟନ୍ତ ଆସିଥିଲେ । ବର୍ତମାନ ଏଠାରୁ ଏହି ପ୍ରତିନିଧି ମଣ୍ଡଳ ହଲାଣ୍ଡ ଲେଉଟି ଥିଲା ।

ଠିକ୍ ୩:୩୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ଓ କାଫିଲା ଆଗକୁ ଫ୍ରାନ୍ସ ନିମନ୍ତେ ଯାତ୍ରା ଆରମ୍ଭ କଲା । ଏବେ ଏଠାରୁ ଫ୍ରାନ୍ସରୁ ଆସିଥିବା ଗାଡ଼ି ଗୁଡ଼ିକ ହଜୁରଙ୍କ କାଫିଲାକୁ ଲିଡ୍ କରୁଥିଲା । ଏଠାରୁ "ବଇତୁଲ୍ ଅତା" (ଫ୍ରାନ୍ସ)ର ଦୂରତା ୨୫୧ କିମି ।

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......



## ହଜୁର ଅନଓ୍ୱର ଅ:ବ:ଅଙ୍କର ଫ୍ରାନ୍ସରେ ପଦାର୍ପଣ

ପାଖାପାଖି ୩ ଘଂଟା ୫ ମିନିଟ ଯାତ୍ରା ଅତିକ୍ରମ କରିବାପରେ ଠିକ୍ ସାଢ଼େ ଛଅଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ଫ୍ରାନ୍ସ ଯମାତ୍‌ର ଗୋଟିଏ ନୂଆ ସେଂଟର ବଇତୁଲ୍ ଅତାଠାରେ ପଦାର୍ପଣ ହେଲା ।

ବଇତୁଲ୍ ଅତାଠାରେ ପହଂଚିବା ପରେ ଯେଉଁକ୍ଷଣି ହଜୁର ଅନଓ୍ୱର ଅ:ବ:ଅ କାର୍ ଭିତରୁ ବାହାରକୁ ବାହାରିଲେ ସେହି କ୍ଷଣି ଫ୍ରାନ୍ସର ବିଭିନ୍ନ ଯମାତ୍‌ରୁ ଆସିଥିବା ଯମାତ୍‌ର ସଦସ୍ୟମାନେ ପୁରୁଷ ଓ ମହିଳା ଏବଂ ଛୋଟ ଛୋଟ ପିଲାମାନେ ସମସ୍ତେ ମିଶି ବହୁତ ଉତ୍ସାହିତ ହୋଇ ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଇଲେ । ପ୍ରେମରେ ଓ ଆସ୍ଥାରେ ପରିପୂର୍ଣ୍ଣ ସମସ୍ତ ବ୍ୟକ୍ତିଙ୍କ ହାତ ଉପରକୁ ଉଠି ଅହ୍‌ଲଉଁ ଓ୍ୱ ସହ୍‌ଲଉଁ ଓ୍ୱ ମରହ୍‌ବା ର ସ୍ୱର ଗୁଞ୍ଜାରଣ ହେଉଥିଲା ।

ଗୋଟିଏ ପଟେ ତ ଯମାତ୍‌ର ସଭ୍ୟମାନେ ବହୁତ ଉତ୍ସାହିତ ହୋଇ ନିଜ ପ୍ରୀୟ ଆକାଙ୍କୁ ଅଭିନନ୍ଦନ ଜଣାଉଥିଲେ ସେଠି ଆଉ ଗୋଟିଏ ପଟେ ମହିଳାମାନେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦର୍ଶନ କରିବାର ସୁଯୋଗ ପାଉଥିଲେ । ଛୋଟ ଛୋଟ ପିଲାମାନେ ଭିନ୍ନ ଭିନ୍ନ ଗ୍ରୁପ କରି ସ୍ୱାଗତ ସମ୍ବର୍ଦ୍ଧନା ମୁଳକ ଗୀତ ଏବଂ ଦୁଆଇୟା ନଜମ୍ ପାଠ କରୁଥିଲେ ।

### ବଇତୁଲ୍ ଅତା ସେଂଟରର ଉନ୍ମୋଚନ

ପ୍ରୋଗ୍ରାମ ମୁତାବକ ହଜୁର ଅନଓ୍ୱର ଅ:ବ:ଅ ଯମାତ୍ ଅହେମଦୀୟା ଫ୍ରାନ୍ସର ଏହି ନୂଆ ସେଂଟର ବଇତୁଲ୍ ଅତା ର ଫଳକଟିକୁ ଉନ୍ମୋଚନ କଲେ । ତା'ପରେ ଦୁଆ ମଧ୍ୟ କରାଇଲେ । ଦୁଆ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଇବାକୁ ଆସିଥିବା ଏହି ଲୋକମାନେ ଓ ଫ୍ୟାମିଲିଗୁଡ଼ିକ ପ୍ୟାରିସ୍, ଇର୍ପନି, ସ୍ୱାର୍ଶବର୍ଗ ଏବଂ ଲିଓନ୍ ସହରରୁ ଆସିଥିଲେ । ପ୍ୟାରିସ୍‌ର ଯମାତ୍ ଗୁଡ଼ିକରୁ ଆସିଥିବା ଲୋକମାନେ ୮୦ କିମି ରାସ୍ତା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । ଇର୍ପନେରୁ ଆସିଥିବା ଲୋକମାନେ ୧୦୦ କିମି ଯେବେକି ସ୍ୱାର୍ଶବର୍ଗରୁ ଆସିଥିବା ଲୋକମାନେ ୪୪୧ କିମି ଏବଂ ଲିଓନ୍ ସହରରୁ ଆସିଥିବା ଲୋକମାନେ ୪୪୯ କିମି ଲମ୍ବା ରାସ୍ତାକୁ ଅତିକ୍ରମ କରି ଏଠାରେ ପହଂଚିଥିଲେ ।

ଏହି ଇଲାକାର ମେୟର David Didier ସାହେବ ମଧ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବା ପାଇଁ ଏଠାରେ ଉପସ୍ଥିତ ଥିଲେ, ସେ ମହାଶୟ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତମ୍ କଲେ ଏବଂ କହିଲେ ଯେ, ହଜୁର ଏହି ଛୋଟ କସବାକୁ ଆସିଛନ୍ତି । ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ମେୟର ସାହେବ କହିଲେ ଯେ, ସେ ଟିକିଏ ତଳେ ହିଁ ରହୁଛନ୍ତି । ହଜୁର ଅନଓ୍ୱର ଅ:ବ:ଅ ମେୟରଙ୍କୁ ଧନ୍ୟବାଦ ଜଣାଇଲେ ।

ଏଠି ନମାଜ ପଢ଼ିବାପାଇଁ ଗୋଟିଏ ବେସ୍‌ମେଂଟ ହଲ୍‌କୁ ମସ୍‌ଜିଦ୍ ରୂପେ ପ୍ରସ୍ତୁତ କରାଯାଇଅଛି ଯେଉଁଠି ୪୦୦ ପାଖାପାଖି ଲୋକେ ନମାଜ ପାଠ କରିପାରିବେ । ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୮:୧୫ ମିନିଟରେ ପହଂଚି ମଗରିବ୍ ଏବଂ ଇସା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଯମାତ୍ ଅହେମଦୀୟା ଫ୍ରାନ୍ସର ଏହି ନୂଆ ସେଂଟର "ବଇତୁଲ୍ ଅତା" ଫ୍ରାନ୍ସର ପ୍ରଦେଶ Hauts-de-France ର ଜିଲ୍ଲା Oise ର ସହର Trie Chateau ଠାରେ ଅବସ୍ଥିତ । ଏହି ଜମିଟିର କ୍ଷେତ୍ରଫଳ ୫୫୭୦୦ ବର୍ଗମିଟର ପାଖାପାଖି ୫.୭୫ ହେକ୍ଟର ଅଟେ । ଏହି ଜାଗାଟି ୨୦୧୪ ମସିହାରେ ୬ ଲକ୍ଷ ୫୦ ହଜାର ୟୁରୋ ବିନିମୟରେ ଖରିଦ କରାଯାଇଥିଲା । ଏହି ଜାଗାଟି ଉଚ୍ଚା ସ୍ଥାନ ଏବଂ ପ୍ୟାରିସ୍‌ର ବର୍ତମାନ ଥିବା ମିଶନ୍ ହାଉସଠାରୁ ୬୦ କିମି ଦୁରତାରେ ଅବସ୍ଥିତ ଏବଂ ପ୍ରାଇ ସହରର ରେଲୱେ ଷ୍ଟେସନଠାରୁ ୨ କିମି ଦୁରତାରେ ଅବସ୍ଥିତ । ଏହି ସ୍ଥାନଟି ଗୋଟିଏ ରସିୟାନ୍ ଫ୍ୟାମିଲି ର ଥିଲା, ଯିଏ ଘୋଡ଼ା ଓ ବଡ଼ ବଡ଼ ପକ୍ଷୀମାନଙ୍କର ବେପାର କରୁଥିଲେ ।

ଏହି ସ୍ଥାନଟି ଏତେ କମ୍ ଦାମ୍‌ରେ ମିଳିଯିବା ଗୋଟିଏ ଚମତ୍କାରଠାରୁ କମ୍ ନୁହେଁ । ହଜୁର ଅନଓ୍ୱର ଅ:ବ:ଅ ଏହି ଜାଗାଟିର ନାମକରଣ କରି ଅମୀର ସାହେବ ଫ୍ରାନ୍ସଙ୍କୁ କହିଥିଲେ ଯେ, ଯଦି ଅଲ୍ଲାଃ ତାଲା ଏହାକୁ ପ୍ରଦାନ କରିଛନ୍ତି ତେବେ ପୁଣି ଏହାର ନାମ ବଇତୁଲ୍ ଅତା ରଖିଦିଅନ୍ତୁ । ଏହି ଜାଗାରେ ବହୁତ ବଡ଼ ଲମ୍ବା ଚଉଡ଼ା ଇମାରତ୍, ଆବାସସ୍ଥଳୀ ଏବଂ ହଲ୍ ଇତ୍ୟାଦି ପୂର୍ବରୁ ନିର୍ମାଣ ହୋଇଥିଲା । ଏହିସବୁ ନିର୍ମାଣ କାର୍ଯ୍ୟ ୧୪୦୦ ବର୍ଗମିଟର କ୍ଷେତ୍ରଫଳରେ ମହଜୁଦ୍ ଅଛି । ଗୋଟିଏ ବଡ଼ ଲମ୍ବା ଚଉଡ଼ା ଦୁଇମହଲା ବିଶିଷ୍ଟ ଅଟ୍ଟାଳିକା ତା ଭିତରେ ତିନୋଟି ହଲ୍ ଅଛି । ମହିଳାମାନେ ନିଜର ଇଜ୍‌ତିମା, ଆବାସସ୍ଥଳୀ, ଭୋଜନର ବ୍ୟବସ୍ଥା ଅନ୍ୟାନ୍ୟ ପ୍ରୋଗ୍ରାମଗୁଡ଼ିକୁ ଏହି ହଲ୍ ଭିତରେ କରୁଛନ୍ତି ।

ଗୋଟିଏ ବଡ଼ ଅଟ୍ଟାଳିକା ଯେଉଁଥିରେ ବେସ୍‌ମେଂଟ ବ୍ୟତିତ ତିନିମହଲା ଘର ରହିଛି ତାହାର ଦୁଇଟି ମହଲାରେ ଗେଷ୍ଟରୁମ୍ ଅଛି ଓ ସେହି ରୁମ୍‌ଗୁଡ଼ିକର ସଂଖ୍ୟା ହେଉଛି ୯ । ତତ୍‌ସହିତ ୪ଟି ଗାଧୁଆ ଘର ମଧ୍ୟ ରହିଛି । ଲଞ୍ଜି ରହିଛି ଓ ମିଟିଙ୍ଗରୁମ୍ ମଧ୍ୟ ରହିଛି । ଗ୍ରାଉଣ୍ଡଫ୍ଲୋର୍‌ରେ ଯମାତ୍‌ର ବହୁତ ବଡ଼ କିଚେନ ମଧ୍ୟ ରହିଛି ଯେବେକି ବେସ୍‌ମେଂଟଟି ଏ ପର୍ଯ୍ୟନ୍ତ ବ୍ୟବହାର କରାଯାଇନାହିଁ ।

ତିନୋଟି ଭିନ୍ନ ଭିନ୍ନ ଅଟ୍ଟାଳିକାର ମଧ୍ୟବର୍ତୀ ସ୍ଥାନକୁ ପକ୍କା ଚଟାଣ ତିଆରି କରାଯାଇଛି ଓ ତା' ଉପରେ ଗୋଟିଏ ସେଡ୍ (Shed) ବନା ହୋଇଛି । ସେହି ସେଡ୍ ତଳେ ମଧ୍ୟ ଆବଶ୍ୟକ ସ୍ଥଳେ ଊଣା ଅଧିକେ ତିନିଶହ ପାଖାପାଖି ଲୋକ ନମାଜ ପଢ଼ିପାରିବେ । ସେହିପରି ଶହସ୍ରାଧିକ ଲୋକେ ସେଠାରେ ଭୋଜନ ମଧ୍ୟ କରିପାରିବେ । ଏତଦ୍‌ବ୍ୟତିତ ସେହି ଲମ୍ବ ଓ ପ୍ରସ୍ଥ ଜମି ଖଣ୍ଡରେ ବିଭିନ୍ନ ସ୍ଥାନରେ Huts ତିଆରି ହୋଇଛଇ ।

ଏହି ଜାଗାର ଡ଼ାହାଣ ପାର୍ଶ୍ୱରେ ଓ ସମ୍ମୁଖରେ କ୍ଷେତ ଜମି ରହିଛି । ବାମ ପାର୍ଶ୍ୱରେ ପଡ଼ୋଶୀଙ୍କର ଏକ ଘର ରହିଛି । ଏହି ଜମିର ପଛପାର୍ଶ୍ୱରେ ଯେଉଁଠି ଜଲ୍‌ସାଗାହ୍ ରହିଛି ସେଠାରେ ଏକ ଘନ ଜଙ୍ଗଲ ଅଛି ଯାହାର କ୍ଷେତ୍ରଫଳ ଦୁଇଲକ୍ଷ ପଚାଶ ହଜାର ବର୍ଗମିଟର ଏବଂ ତା'ର ମୂଲ୍ୟ ହେଉଛି ଏକ ଲକ୍ଷ ୟୁରୋ । ହଜୁର ଅନଓ୍ୱର ଅ:ବ:ଅ ଏହାକୁ ଖରିଦ୍ କରିବାପାଇଁ ମଞ୍ଜୁରୀ ମଧ୍ୟ ପ୍ରଦାନ କରିଛନ୍ତି । ଏଥିଯୋଗୁଁ ଯମାତ୍ ଅହେମଦୀୟା ଫ୍ରାନ୍ସ ଦଶ ହଜାର ୟୁରୋ ବହିନା (Advance Pay) ଦେଇ ସାରିଛି । ଯେହେତୁ ଏହି ଜଙ୍ଗଲକୁ ଆମ ଜମି ସାହାଯ୍ୟରେ ରାସ୍ତା ଯାଇପାରିବ ତେଣୁ ତାକୁ କିଣିବା ପାଇଁ ନିଷ୍ପତି କରାଗଲା ।

ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ଠାରୁ କେବଳ ୬୦ କିମି ଦୂରତାରେ କେବଳ ସାଢ଼େ ଛଅଲକ୍ଷ ୟୁରୋ ସାହାଯ୍ୟରେ ଏତେ ବଡ଼ ଜମି କିଣାଯିବା, ଯେଉଁଥିରେ ଅନେକ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ ହୋଇଛି, ଏହା ଅବିଶ୍ୱସନୀୟ । ଏତିକି ଅର୍ଥ ବିନିମୟରେ ଗୋଟିଏ ତିନି ଚାରି ବେଡ଼୍‌ରୁମ୍‌ର ଘର ମଧ୍ୟ ମିଳୁନାହିଁ । ଏହାର ଓଲଟା ୧୪ ହଜାର ବର୍ଗଫୁଟ କ୍ଷେତ୍ର ଜମିରେ ବଡ଼ ପକ୍କା ଅଟ୍ଟାଳିକା ମହଜୁଦ୍ ରହିଛି, ଗୋଟିଏ ବଡ଼ ବିଶାଳ ଲମ୍ବା ଚଉଡ଼ା ଜଲ୍‌ସାଗାଃ ନିମନ୍ତେ ସମସ୍ତ ସୁବିଧା ଉପଲବ୍ଧ ରହିଛି । ଏହା କେବଳ ହିଁ କେବଳ ଖୁଦାତାଲାଙ୍କ ତରଫରୁ ଏକ ପୁରସ୍କାର ଯାହା ଖିଲାଫତ୍‌ର ବର୍‌କତ୍ (ଆଶିର୍ବାଦ)ରୁ ପ୍ରାପ୍ତ ହୋଇଅଛି ।

ଏହି ଜମିକୁ କିଣିବାପାଇଁ କିଛିଟା ଅସୁବିଧା ମଧ୍ୟ ହୋଇଛି କିନ୍ତୁ ହଜୁର ଅନଓ୍ୱର ଅ:ବ:ଅଙ୍କ ଦୁଆ ଦ୍ୱାରା ସମସ୍ତ ଅସୁବିଧା ଦୂର ହୋଇଗଲା । ପରିଶେଷରେ ଏହି ଜାଗାଟି ଯମାତ୍‌କୁ ମିଳିଗଲା । ଅଲ୍‌ହମ୍‌ଦୁଲିଲ୍ଲାଃ ଆଲା ଜାଲିକା ।

ଅମୀର ସାହେବ୍ ଫ୍ରାନ୍ସର ମୋକରମ୍ ଅଶ୍‌ଫାକ୍ ରବ୍‌ବାନି ସାହେବ୍ ଏହି ଜାଗା କିଣାହେବା ସମ୍ବନ୍ଧରେ ବତାଇଛନ୍ତି ଯେ ହଜୁର ଅନଓ୍ୱର ଅ:ବ:ଅଙ୍କ ମଞ୍ଜୁରୀ ପରେ ଗୋଟିଏ ବଡ଼ ଜାଗା ଖୋଜା ଚାଲିଲା । ଆମେ ଜାଣିବାକୁ ପାଇଲୁ ଯେ ଗୋଟିଏ ଏଜେନ୍‌ସି ରେ ୫.୭୫ ଏକର ଜାଗାରେ କେତେକ ଅଟ୍ଟାଳିକା ମଧ୍ୟ ରହିଛି । ସେହି ଏଜେନ୍‌ସି ସେହି ଜାଗାଯିକୁ ବିକ୍ରି କରିବାକୁ ଚାହୁଁଛି । ଯୋଗଯୋଗ କରିବାପରେ ମାଲିକ ସହିତ ଛଅ ଲକ୍ଷ ଚାଳିଶି ହଜାର ୟୁରୋ ଧାର୍ଯ୍ୟ ହେଲା ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଏହାକୁ କିଣିବାପାଇଁ ମଞ୍ଜୁରୀ ନିମନ୍ତେ ଦରଖାସ୍ତ କରାଗଲା । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ "କିଣି ନିଅ" ।

ଆମେ ସତୁରୀ ହଜାର ୟୁରୋ ବହିନା (Advance) ଦେଇ Mutation (ମ୍ୟୁଟେସନ୍) କରିବାପାଇଁ କାନୁନି କରାବାର ଆରମ୍ଭ କଲୁ । ଯେବେ କୋଟ୍ ଏକଥା ଜାଣିଲା, ଆମକୁ ଏତେଲା ଦିଆଗଲା ଯେ ସେହି ମହିଳାଙ୍କୁ ସେହି ଘର ଓ ସେହି ଜାଗାକୁ ବିକ୍ରି କରିବାପାଇଁ ଅନୁମତି ନାହିଁ । କାରଣ ସେ ଦେବାଳିଆ ଘୋଷିତ ହୋଇଛନ୍ତି । ଏକଥା ଯେବେ ଆମେ ସେହି ମହିଳାଙ୍କୁ ଜଣାଇଲୁ ଏଥିରେ ସେ ଆମ ସହିତ ଅଭଦ୍ର ବ୍ୟବହାର କଲା । ସେ ସେଥିରୁ ପଶୁ ମଧ୍ୟ ପାଳନ କରିଥିଲା ତେଣୁ କହିଲା ଯେ ମୁଁ ତୁମ ଉପରେ କୁକୁର ଛାଡ଼ିଦେବି ।

ଅନ୍ୟପଟେ ବ୍ୟାଙ୍କ ଏହି ଜାଗାକୁ ନିଲାମ୍ କରିବାପାଇଁ କୋର୍ଟରୁ ଅନୁମତି ମାଗିଲା । ଆମକୁ ନିଲାମିରେ ବସିବାକୁ ଅନୁମତି ମିଳିଲା ନାହିଁ । ଈଶ୍ୱର ଏମିକି କଲେ ଯେ ପ୍ରଥମ ନିଲାମିରେ କେହି ଆସିଲେ ନାହିଁ । ଯେହେତୁ ଦ୍ୱିତୀୟ ନିଲାମିରେ ମୂଲ୍ୟ କମ୍ କରିଦିଆଯାଏ ତେଣୁ ସେହି ଜାଗାର ମାଲିକାଣୀକୁ ଚିନ୍ତା ଘାରିଲା ଯେ ମୂଲ୍ୟ କମ୍ ହେଲେ ମତେ ତ କିଛି ମିଳିବ ନାହିଁ । ତେଣୁ ସେ ଅଦାଲତ୍‌କୁ ମୁହାଁଇଲା ଯେ ଯଦି ଏପରି ହୁଏ, ମତେ ତ କିଛି ମିଳିବ ନାହିଁ । ମୋର ଛୋଟ ଛୋଟ ପିଲା ଅଛନ୍ତି । ସ୍ୱାମୀ ଜେଲ୍‌ରେ ଅଛି ତେଣୁ କୋର୍ଟ ମତେ ସାହାଯ୍ୟ କରୁ ।

ଏବେ ଏହି ଜାଗାକୁ କିଣିବାକୁ ଅସୁବିଧା ବଢ଼ି ଚାଲିଥିଲା । ମୁଁ କେତେକ ବୁଜ୍‌ରୁଗ୍ (ବୟୋଜ୍ୟେଷ୍ଠ ପୂଣ୍ୟବାନ ବ୍ୟକ୍ତି)ଙ୍କୁ ଏଥିସକାଶେ ଦୁଆ କରିବାକୁ ନିବେଦନ କଲି ଓ ଚିଠି ଲେଖିଲି । ଜଣେ ବୁଜ୍‌ରୁଗ୍‌ଙ୍କ ନିକଟରୁ ଚିଠି ମିଳିଲା ଯେ ଏବେ ଆପଣ ଦୁଆ କରନ୍ତୁ ଯେ ହେ ଅଲ୍ଲାଃ ଖଲିଫତୁଲ୍ ମସିହ୍ ତ କହୁଛନ୍ତି ଯେ "କିଣି ଦିଅ" କିନ୍ତୁ ଏମାନେ କିଣିବାକୁ ଦେଉନାହାନ୍ତି । ଅତଏବ ଏଥିରେ ଆହୁରି ଅଧିକ ଦୁଆ କରିବାକୁ ପ୍ରୋତ୍ସାହନ ମିଳିଲା ।

ଦିନେ ଜଜ୍ ସାହେବ ସେହି ମହିଳାଙ୍କୁ କହିଲେ ଯେ ଅହେମଦୀମାନଙ୍କ ସହିତ କଥା ହୁଅ । ଏଥିରେ ସେହି ମହିଳା ମାଲିକାଣୀ ଜଣକ ଜଜ୍‌ଙ୍କୁ କହିଲେ ଯେ ମୁଁ ତ ଅହେମଦୀମାନଙ୍କ ସହିତ ବହୁତ ଖରାପ ବ୍ୟବହାର କରିଛି ତେଣୁ କେଉଁ ମୁହଁ ନେଇ ମୁଁ ତାଙ୍କ ପାଖକୁ ଯିବି ? ଏଥିରେ ଜଜ୍ ସାହେବ କହିଲେ ଏତଦ୍‌ବ୍ୟତିତ ତୁମ ନିକଟରେ ଆଉ କୌଣସି ମଧ୍ୟ ରାସ୍ତା ନାହିଁ । ଅତଏବ ସେହି ମହିଳା ଦିନେ ଆମ ପାଖକୁ ଆସି କ୍ଷମା ମାଗିଲେ ଓ କହିଲେ ଯେ ଆପଣ ଏହି ଜାଗାଯିକୁ "କିଣି ନିଅ" ମୁଁ ଅଦାଲତ୍‌ରେ କଥା ହୋଇସାରିଛି ।

ତା'ପରେ ଅଦାଲତ୍ ଗୋଟିଏ ନୋଟିସ୍ ଜାରି କଲା ଯେ ଏହି ଜାଗାଟିକୁ

ଆମେ ଯମାତ୍ ଅହେମଦୀୟାକୁ ନେବାକୁ ଯାଉଛୁ ତେଣୁ ଯଦି କାହାର କିଛି ଆପତି ଅଛି ତେବେ ସେ ଏକମାସ ଭିତରେ ଅଦାଲତ୍‌ରେ ଆବେଦନ କରନ୍ତୁ ନଚେତ ଏହି ଜାଗାକୁ ଯମାତ୍ ଅହେମଦୀୟାକୁ ଦେଇ ଦିଆଯିବ । କିନ୍ତୁ କାହାଠାରୁ କୌଣସି ଆପତି ଅଭିଯୋଗ ପ୍ରାପ୍ତ ହେଲାନାହିଁ । ତେଣୁ ଅଦାଲତ୍ ଏହି ଜାଗାଟିର ରେଜେଷ୍ଟ୍ରି କରିବା ଦିନ ସେହି ଅଙ୍ଗାଳିକାର ଚାବି ସାଥିରେ ନେଇ ଆସିବ । କିନ୍ତୁ ସେ କହିଲା ଯେ ମୁଁ ନିଜର ଦୁଇଜଣ ପିଲାକୁ ନେଇ କେଉଁଠାକୁ ଯିବି । ଏହାଶୁଣି ଆମେ ତା' ପାଇଁ ଏକ ଭଡ଼ାଘର ବୁଝି ଦେବୁ ବୋଲି ସାନ୍ତ୍ୱନା ଦେଲୁ ଓ ଭଡ଼ାଘରର ଭଡ଼ା ତା ଅର୍ଥରୁ କାଟି ନିଆଗଲା । ସେ ଭଡ଼ାଘରକୁ ଦେଖି କହିଲା ଯେ ଏ ଘରର ରଙ୍ଗ ଭଲ ନାହିଁ । ଖୁଦାମ୍ ପିଲାମାନେ ସେହି ଘରକୁ ତା ଇଚ୍ଛା ଅନୁସାରେ ରଙ୍ଗ କରି ଦେଲେ । ପୁଣି କହିଲା ସାମାନ ନେବାପାଇଁ ଗାଡ଼ି ନାହିଁ । ଖୁଦାମ ପିଲାମାନେ ତା ସାମାନ୍ ପାଇଁ ଗାଡ଼ିର ବ୍ୟବସ୍ଥା କରି ତା ସାମାନକୁ ସ୍ଥାନାନ୍ତରଣ କରିଦେଲେ ।

ଅମୀର ସାହେବ୍ ବର୍ଣ୍ଣନା କରୁଛନ୍ତି ଯେ ରେଜେଷ୍ଟ୍ରି ଦିନ ଯେବେ ଦସ୍ତଖତ ହେଲା, ମୁଁ କହିଲି ଯେ ମୁଁ ତ କୌଣସି କାମକୁ ବିନା ଦୁଆ (ପ୍ରାର୍ଥନା)ରେ କରେନାହିଁ । ପ୍ରଥମେ ଦୁଆ କରିବି ପୁଣି ଦସ୍ତଖତ କରିବି । ଏହା ଶୁଣି ସରକାରୀ ଅଫିସର ଜଜ୍ ସାହେବ କହିବାକୁ ଲାଗିଲେ ଯେ ଏହା ହେଉଛି ସରକାରୀ କାର୍ଯ୍ୟାଳୟ । ଦୁଆ କରିବାକୁ ଅନୁମତି ଦିଆଯିବ ନାହିଁ । ମୁଁ କହିଲି ମୁଁ ଏ ଜାଗା ବିନା ଦୁଆରେ ନେବି ନାହିଁ । ଏହା ଶୁଣି ମାଲିକାଣୀ ବ୍ୟସ୍ତବିବ୍ରତ ହୋଇଗଲେ ଓ ବ୍ୟାଙ୍କବାଲା ମଧ୍ୟ ବ୍ୟସ୍ତ ହୋଇଗଲେ କାରଣ ବ୍ୟାଙ୍କର ଟଙ୍କା ମଧ୍ୟ ବୁଡ଼ିଯିବ । ଏଥିରେ ସେହି ମହିଳା ଜଣଙ୍କ ଫ୍ରେଂଚ (French) ଭାଷାରେ ମତେ ବାରମ୍ବାର କହୁଥିଲେ ଯେ "ନେଇ ନିଅ" "ନେଇ ନିଅ" ଦୟାକରି "ନେଇ ନିଅ" ସେହି ବାକ୍ୟ ଯାହାକୁ ହଜୁର ଅନଓ୍ୱର ଅ:ବ:ଅ କହିଥିଲେ, ତାହାକୁ ସେ ବାରମ୍ବାର କହିଚାଲିଥିଲେ । ସେହି ସମୟରେ କାର୍ଯ୍ୟାଳୟର ଲୋକମାନେ ଏହା ସବୁ ଦେଖୁଥିଲେ । ସେମାନେ ମତେ କହିଲେ ଯେ ଆପଣ କଣ ଦୁଆ (ପ୍ରାର୍ଥନା) କରିବେ? ମୁଁ କହିଲି ମତେ ଏ ଦୁଆ କରିବାକୁ ହେବ ଯେ ଏହି ଜାଗାଟି ଇସ୍‌ଲାମ୍‌ର ଓ ମାନବଜାତିର ସବୁଠାରୁ ବଡ଼ ମର୍କଜ (କେନ୍ଦ୍ର) ହୋଇଯାଉ । ଏଥିରେ ଜଜ୍ ସାହେବ୍ କହିଲେ ଯଦି ଏମିତି କଥା ତେବେ ମୁଁ ମଧ୍ୟ ଏହି ଦୁଆ କରିବି ।

ଅତଏବ ଦସ୍ତଖତ ହୋଇଗଲା । ଏହି ଜାଗାଟି କାନୁନ ଅନୁସାରେ ଯମାତ୍ ନାଁରେ ରେଜେଷ୍ଟ୍ରି ହୋଇଗଲା । ଖୁଦାତାଲା ନିଜ ଖଲିଫାଙ୍କ ମୁହଁରୁ ବାହାରିଥିବା ବାକ୍ୟକୁ ଅକ୍ଷରେ ଅକ୍ଷରେ ପୂରଣ କରିଦେଲେ ଓ ଅଲ୍ଲାଃ ତାଲା ଏହି ଜାଗାଟିକୁ ଆମକୁ ପ୍ରଦାନ କରିଦେଲେ । ହଜୁର ଅନଓ୍ୱର ଅ:ବ:ଅ ଏହାର ନାମ "ବଇତୁଲ୍ ଅତା" ଅର୍ଥାତ "ଈଶ୍ୱରଙ୍କ ଦାନ" ରେ ନାମିତ କଲେ ।

ଆଜି ବୁଧବାର ଦିନ ହଲାଣ୍ଡର ଗୋଟିଏ ରିଜିଓନାଲ୍ ଟିଭି "Omroep Flevoland" ନିମ୍ନଲିଖିତ ଖବର ପ୍ରସାରଣ କଲା । ଅଲ୍‌ମେରେଠାରେ ଅହମଦୀୟା ମସ୍‌ଜିଦ୍‌ର ଉଦଘାଟନ ।

ମଙ୍ଗଳବାର ଦିନ "ବଇତୁଲ୍ ଆଫିୟତ"ର ଉଦଘାଟନ ହେଲା । ଏହି ମସ୍‌ଜିଦ୍ ହେଉଛି ଯମାତ୍ ଅହେମଦୀୟାର । ଏହି ଯମାତ ପାକିସ୍ତାନ ଦେଶ ସହିତ ସମ୍ପର୍କ ରଖିଥିବା ଗୋଟିଏ ଇସଲାମୀୟ ଯମାତ । ଯାହାର ଏ ଇମାନ୍ (ବିଶ୍ୱାସ) ଅଛି କି ତାଙ୍କ ଯମାତ୍‌ର ପ୍ରତିଷ୍ଠାତା ହେଉଛନ୍ତି ସେହି ମସିହ ଯାହାଙ୍କ ସମ୍ବନ୍ଧରେ ମୁହମ୍ମଦ ରସୁଲ୍ଲଲ୍ଲାଃ ସ:ଆ:ସ ଭବିଷ୍ୟବାଣୀ କରିଥିଲେ । ଅନ୍ୟ ମୁସଲାମ୍ ଫିର୍କା (ଗୋଷ୍ଠୀ) ଏହି ଯମାତକୁ ଗୈର୍ ମୁସ୍‌ଲିମ୍ ଅର୍ଥାତ ଅଣମୁସଲମାନ ରୂପେ ଘୋଷଣା କରିଛନ୍ତି ।

ମସ୍‌ଜିଦ୍‌ର ଉଦଘାଟନୀ ଯମାତ୍‌ର ଖଲିଫା ହଜରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ କଲେ । ସେ ହେଉଛନ୍ତି ବର୍ତମାନ ବିଶ୍ୱବ୍ୟାପି ଯମାତ୍‌ର ମୁଖିଆ । ଅହେମଦୀମାନେ ନିଜ ଖଲିଫାଙ୍କୁ ଦୁନିଆର ସମସ୍ତଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ରୂପେ ବିବେଚନା କରିଥାନ୍ତି । ଏଠିକାର ଅହେମଦୀମାନେ ବହୁତ ଆନନ୍ଦିତ ଯେ ଯୁଗ ଖଲିଫା ତାଙ୍କ ସହିତ ମିଶିବା ପାଇଁ ଆସିଛନ୍ତି । ଏହି ଉତ୍ସବରେ ବହୁତ ଗୈର୍ ଅହେମଦୀ (ଅଣ ଅହେମଦୀ) ଅତିଥି ମଧ୍ୟ ସାମିଲ ହୋଇଥିଲେ । ସେମାନଙ୍କୁ ରାତ୍ରି ଭୋଜନ ମଧ୍ୟ କରାଗଲା । ଅହେମଦୀ ଯମାତ୍ ଅନ୍ୟ ଧର୍ମର ଲୋକମାନଙ୍କ ସହିତ ସାକ୍ଷାତ କରିବାପାଇଁ ପ୍ରସ୍ତୁତ ଅଛି ଓ ଧର୍ମୀୟ ଲୋକମାନଙ୍କ ସହିତ ସାକ୍ଷାତ କରିବାପାଇଁ ପ୍ରସ୍ତୁତ ଅଛି ଓ ଧର୍ମୀୟ ସହଂଷ୍ଣୁତାକୁ ପ୍ରୋସ୍ଥାହନ ଦେଇଥାଏ । ଅଲ୍‌ମେରେ ସହରରେ ପାଖାପାଖି ୮୦ ଅହେମଦୀ ରହୁଛନ୍ତି ଓ ଏ ଦେଶର ପାଖାପାଖି ପନ୍ଦରଶହ ଅହେମଦୀ ଅଛନ୍ତି ।

**୦୩ ଅକ୍ଟୋବର ୨୦୧୯ (ଗୁରୁବାର)**

ହଜୁର ଅନଓ୍ୱର ଅ:ବ:ଅ ଭୋର୍ ୬:୪୫ ରେ ହଲ୍‌ରେ ପଦାର୍ପଣ କରି ଫଜର ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳେ ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ପ୍ରୋଗ୍ରାମ ମୁତାବକ ଦିନ ଦୁଇଟାବେଳେ ହଜୁର ଅନଓ୍ୱର ଅ:ବ:ଅ ହଲ୍ ଭିତରେ ପଦାର୍ପଣ କରି ଜୋହର୍ ଏବଂ ଅସର ନମାଜ ଯମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ତୃତୀୟ ପ୍ରହର ମଧ୍ୟ ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ସମୟ ଅତିବାହିତ କଲେ ।

**ଫ୍ୟାମିଲି ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ଠିକ୍ ଛଅଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ଆସିଲେ ଓ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହୋଇଗଲା । ଆଜିକାର ଏହି ସାକ୍ଷାତକାର ସେଶନ୍‌ରେ ୪୫ଟି ଫ୍ୟାମିଲିର ୧୬୦ ଜଣ ସଦ୍ୟସ ହଜୁରଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ପ୍ରତ୍ୟେକ ଫ୍ୟାମିଲି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୁଯୋଗ ପାଇଲେ । ହଜୁର ଅନଓ୍ୱର ଅ:ବ:ଅ ଛାତ୍ର ଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଏବଂ ବହୁତ ସ୍ନେହର ସହିତ କୁନି କୁନି ପିଲାମାନଙ୍କୁ ଚକୋଲେଟ ପ୍ରଦାନ କଲେ ।

ଆଜି ସାକ୍ଷାତ କରିବାପାଇଁ ଆସିଥିବା ଏହି ପରିବାରଗୁଡ଼ିକ ପ୍ୟାରିସ୍‌ର ପାଂଚଟି ଯମାତ୍‌ରୁ ୮୦ କିମି ଯାତ୍ରା କରି ଏଠାରେ ପହଂଚିଥିଲେ । ଏଥିଯୋଗୁ Epernay ଯମାତ୍‌ରୁ ଆସିଥିବା ଲୋକମାନେ ଶହେ କିମି ଯାତ୍ରା କରି ଆସିଥିଲେ । ସମସ୍ତେ ହଜୁରଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ପାଇବା ସହିତ ହଜୁରଙ୍କ ଆଶିଷ ପାଇ ବହୁତ ବରକତ୍ ନେଇ ବାହାରକୁ ଆସୁଥିଲେ । ରୋଗୀମାନେ ଉତମ ସ୍ୱାସ୍ଥ୍ୟ ପାଇବାର ଦୁଆ (ଆଶିଷ) ପାଇଥିଲେ । ବିଭିନ୍ନ ଅସୁବିଧାରେ ଘେରି ରହିଥିବା ଲୋକମାନେ ନିଜ ଦୁଃଖ କଷ୍ଟ ଦୂର ହେବାପାଇଁ ଦୁଆ କରିବାକୁ ନିବେଦନ କଲେ ଏବଂ ସନ୍ତୁଷ୍ଟ ହୋଇ ହସ ହସ ଚେହେରା ସହିତ ବାହାରକୁ ବାହାରିଲେ । ଛାତ୍ର ଏବଂ ଛାତ୍ରୀମାନେ ନିଜର ଶିକ୍ଷା ଓ ପରୀକ୍ଷାରେ ଉତୀର୍ଣ୍ଣ ହେବାପାଇଁ ନିଜ ପ୍ରିୟ ଆକାଙ୍କଠାରୁ ଦୁଆ (ଆର୍ଶିବାଦ) ପ୍ରାପ୍ତ କଲେ । ଅତଏବ ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରିୟ ଆକାଙ୍କଠାରୁ ଦୁଆ ପାଇଲେ । ଶାନ୍ତି ଓ ସନ୍ତୁଷ୍ଟ ଆତ୍ମା ହାସଲ କଲେ ।

ଗୋଟିଏ ଆଫ୍ରିକୀୟ ଫ୍ୟାମିଲି ଯେତେବେଳେ ସାକ୍ଷାତକରି ଦଫ୍‌ତର ଭିତରୁ ବାହାରକୁ ଆସିଲା ସେତେବେଳେ ସେହି ଫ୍ୟାମିଲିର ମୁଖିଆ ହାଫିଜ୍ ସଲିମ୍ ତୋରେ ସାହେବ୍ କହିଲେ ଯେ, ଆଜି ମୁଁ ବହୁତ ଆନନ୍ଦିତ କାରଣ ଆମ ପ୍ରିୟ ଆକାଙ୍କ ସାନ୍ନିଧ୍ୟ ଆମକୁ ମିଳିଲା । ଏହାକୁ ବର୍ଣ୍ଣନା କରିବାପାଇଁ ମୋ ନିକଟରେ ଶବ୍ଦ ନାହିଁ ଯେ, ବର୍ତମାନ ମୋ ମନର ଅବସ୍ଥା କଣ ଅଛି । ମୋ ହୃଦୟ କୃତଜ୍ଞତାର ଆବେଗରେ ଭରି ଯାଇଛି ମୁଁ କେବଳ ଏତିକି କହିପାରେ ଯେ, ଅଲ୍‌ହମ୍‌ଦୁଲିଲ୍ଲାଃ ଅଲ୍‌ହମ୍‌ଦୁଲିଲ୍ଲାଃ ।

ପାକିସ୍ତାନରୁ ଆସିଥିବା ଜଣେ ବନ୍ଧୁ ଇମ୍‌ରାନ୍ ଅହେମଦ୍ ସାହେବ କହିଲେ: "ଆଜିର ଏହି ସାକ୍ଷାତକାର ମୋ ଜୀବନର ଏକ ସୁନ୍ଦର କ୍ଷଣ ଥିଲା । ମୁଁ ସର୍ବଦା ଏ ପ୍ରାର୍ଥନା କରୁଥିଲି ଯେ, କଣ କେବେ ମୋ ପ୍ରିୟ ଆକାଙ୍କ ସହିତ ମୋର ସାକ୍ଷାତ ହୋଇଯିବ । ଆଜି ମୋର ଏହି ଦୁଆ ଗ୍ରହଣୀୟ ହୋଇଯାଇଛି । ମତେ ଅତ୍ୟନ୍ତ ନିକଟରୁ ହିଁ ହଜୁରଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ମୁଁ ଏହାକୁ କେବେ ବି ଭୁଲିପାରିବି ନାହିଁ ।

ଜଣେ ଯୁବକ ବନ୍ଧୁ କହିଲେ: ଆଜି ମୁଁ ଏତେ ଖୁସି ହୋଇଯାଇଛି ଯେ, କିଛି କହିବାପାଇଁ ମୋ ପାଖେ ଶକ୍ତି ନାହିଁ । କେବଳ ଏତିକି କହିବି ଯେ, ହେ ଅଲ୍ଲାଃ ଆମ ଇମାମ୍‌ଙ୍କୁ ଉରୁହୁଲ୍ କୁଦୁସ୍‌ଙ୍କ ଜରିଆରେ ସାହାଯ୍ୟ କର ।

ଗୋଟିଏ ପିଲା ବହୁତ ଖୁସି ହୋଇ ଏକଥା ବତାଉଥିଲା ଯେ, ହଜୁର ମତେ କଲମ ଓ ଚକୋଲେଟ ପ୍ରଦାନ କଲେ ମୁଁ ଏହି କଲମ ଦ୍ୱାରା ନିଜ ସ୍କୁଲର କାମ କରିବି ଓ ଅଧିକ ପରିଶ୍ରମ କରି ପାଠ ପଢ଼ିବି ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ୮ଟା ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ୮:୧୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ହଲ୍ ଭିତରେ ପଦାର୍ପଣ କରି ମଗରିବ ଏବଂ ଇଶା ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଯମାତ୍ ଅହେମଦିୟା ଫ୍ରାନ୍‌ସର ୨୭ତମ ଜଲ୍‌ସା ସାଲାନା ୪ ଅକ୍ଟୋବର ପବିତ୍ର ଶୁକ୍ରବାର ଦିନ ଏଠିଠାରେ ହିଁ ଆରମ୍ଭ ହେବାକୁ ଅଛି । ଏଠି ପକ୍କାଘର ବ୍ୟତିତ ଏହି ବିଶାଳ ଜମି ଖଣ୍ଡ ଉପରେ ଟେଂଟ, ସାମିୟାନା ଇତ୍ୟାଦି ତମ୍ବୁ ଲଗାଇ ଜଲ୍‌ସା ସାଲାନାର ବ୍ୟବସ୍ଥା କରାଯାଇଅଛି ।

ପୁରୁଷ ଏବଂ ଲଜ୍‌ନାମାନଙ୍କର ଜଲ୍‌ସାଗାଃକୁ ଅଲଗା ଅଲଗା କରି ସାମିୟାନା

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଲଗାଯାଇଅଛି । ଏତଦ୍‌ବ୍ୟତିତ ପୁରୁଷମାନଙ୍କ ନିମନ୍ତେ ଥିବା ଜଲ୍‌ସାଗାଃର ତମ୍ବୁରେ ଏମ୍‌ଟିଏର ବ୍ୟବସ୍ଥା ପାଇଁ ଗୋଟିଏ ଅଲଗା ସାମିୟାନା ଲଗାଯାଇଅଛି । ସେହିଭଳି ଖାସ୍ ଅତିଥିମାନଙ୍କ ପାଇଁ ଗୋଟିଏ ଅଲଗା ତମ୍ବୁର ବ୍ୟବସ୍ଥା କରାଯାଇଅଛି । ଏତଦ୍‌ବ୍ୟତିତ ପଦର୍ଶନୀ ବିଭାଗ, ତବ୍‌ଲିଗ୍ ବିଭାଗ, ହ୍ୟୁମାନିଟି ଫାଷ୍ଟ ବିଭାଗ ଏବଂ ଅମାନାତ୍ ବିଭାଗ ପାଇଁ ସାମିୟାନା ଲଗାଯାଇ ବ୍ୟବସ୍ଥା କରାଯାଇଅଛି ।

ଜଲ୍‌ସା ସାଲାନା ଦଫ୍‌ତର୍, ରେଜିଷ୍ଟ୍ରେସନ ବିଭାଗ ଏବଂ ସ୍କାନିଙ୍ଗ ବିଭାଗ ନିମନ୍ତେ ମଧ୍ୟ କାର୍ଯ୍ୟାଳୟ ସ୍ଥାପନ କରାଯାଇଅଛି ।

ରହିବପାଇଁ ଓ ଖାଦ୍ୟ ଖୁଆଇବା ପାଇଁ ଅଲଗା ଅଲଗା ଟେଂଟ ଲଗାଯାଇଅଛି । ଗୋଟିଏ ବଜାରର ମଧ୍ୟ ବ୍ୟବସ୍ଥା କରାଯାଇଅଛି ସେହିଭଳି ଅଲଗା ଅଲଗା ପାଇଖାନାର ବ୍ୟବସ୍ଥା ମଧ୍ୟ କରାଯାଇଅଛି ।

ଲଜ୍‌ନାମାନଙ୍କ ନିମନ୍ତେ ଥିବା ଜଲ୍‌ସାଗାଃରେ ସେମାନଙ୍କ ଖାଇବାପାଇଁ ମଧ୍ୟ ଟେଂଟର ବ୍ୟବସ୍ଥା କରାଯାଇଅଛି । ରେଜିଷ୍ଟ୍ରେସନ୍ ବିଭାଗ, ବିଭିନ୍ନ କାର୍ଯ୍ୟାଳୟ ଏବଂ ଲଜ୍‌ନାମାନଙ୍କ ନିମନ୍ତେ ଗୋଟିଏ ଅଲଗା ବଜାରର ବ୍ୟବସ୍ଥା ମଧ୍ୟ କରାଯାଇଅଛି । ପୁରୁଷ ଓ ମହିଳାମାନଙ୍କ ପାଇଁ ଅଲଗା ଅଲଗା ପାର୍କିଙ୍ଗର ବ୍ୟବସ୍ଥା ମଧ୍ୟ କରାଯାଇଅଛି ।

ଅଲ୍ଲାଃ ତାଲାଙ୍କ କୃପାରୁ ଏହି ଯାଗାରେ, ଯମାତ୍‌ର ଏହି ସେଂଟର ବଇତୁଲ ଅତାଠାରେ ଜଲ୍‌ସା ସାଲାନାର ସମସ୍ତ ବ୍ୟବସ୍ଥା ବହୁତ ସୁବିଧା ଓ ସହଜରେ ହୋଇପାରିଛି । ଅଲ୍ଲାଃ ତାଲାଙ୍କ କୃପାରୁ ଯମାତ୍ ଅହେମଦିୟା ଫ୍ରାନ୍ସକୁ ଗୋଟିଏ ବଡ଼ ଖୋଲା ସ୍ଥାନ ନିଜର ଜଲ୍‌ସା ପାଇଁ ଉପଲବ୍ଧ ହୋଇଗଲା ।

**୪ ଅକ୍ଟୋବର ୨୦୧୯ ପବିତ୍ର ଶୁକ୍ରବାର**

ହଜୁର ଅନଓ୍ୱର ଅ:ବ:ଅ ଭୋର୍ ୬:୨୦ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ହଲ୍ ଭିତରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳରେ ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି ଡ଼ାକ, ଚିଠି ଏବଂ ରିପୋର୍ଟସ ଇତ୍ୟାଦିର ତଦାରଖ କଲେ ଓ ସେଥିରେ ହିଦାୟତ (ନିର୍ଦ୍ଦେଶମାନ) ପ୍ରଦାନ କଲେ । ଏହିପରି ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

**ଜଲ୍‌ସା ସାଲାନା ଫ୍ରାନ୍ସର ଶୁଭାରମ୍ଭ**

ଆଜି ଅଲ୍ଲାଃ ତାଲାଙ୍କ କୃପାରୁ ଯମାତ୍ ଅହେମଦୀୟା ଫ୍ରାନ୍ସର ୨୭ତମ ଜଲ୍‌ସା ସାଲାନା ଅନୁଷ୍ଠିତ ହେବାକୁ ଅଛି । ପ୍ରୋଗ୍ରାମ ମୁତାବକ ଠିକ୍ ୨ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ପତାକା ଉତଳନ କରିବାର ପ୍ରୋଗ୍ରାମ ରଖାଯାଇଛି । ଆଜି ଜଲ୍‌ସାଗାଃର ପ୍ରଥମ ଦିନ ତେଣୁ ହଜୁର ଅନଓ୍ୱର ଅ:ବ:ଅ ସର୍ବପ୍ରଥମେ ଅହେମଦୀୟତର ବାନା ଉତଳନ କଲେ ଓ ସେହି କ୍ଷଣି ଅମୀର ସାହେବ ଫ୍ରାନ୍ସ ଫ୍ରାନ୍ସର ଜାତୀୟ ପତାକାକୁ ଉତଳନ କଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ । ଏମ୍‌ଟିଏ ଇଂଟରନ୍ୟାସନାଲ ଏହି ଜଲ୍‌ସାଗାଃର ପ୍ରୋଗ୍ରାମକୁ ସିଧାପ୍ରସାରଣ କରୁଥିଲା । ତେଣୁ ପତାକା ଉତଳନ କରାଯିବାର ଏହି ଦୃଶ୍ୟକୁ ସାରା ଦୁନିଆର ଅହେମଦୀମାନେ ସିଧାସଳଖ ଦେଖିବାକୁ ପାଇଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ପୁରୁଷମାନଙ୍କ ନିମନ୍ତେ ଥିବା ଜଲ୍‌ସାଗାଃରେ ପହଂଚିଲେ ଏବଂ ସେଠାରେ ଖୁତ୍‌ବା ଜୁମା ପ୍ରଦାନ କଲେ । ଏହିଭଳି ଏହି ଜଲ୍‌ସାର ଶୁଭାରମ୍ଭ ହୋଇଗଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ଏହି ଖୁତ୍‌ବା ଜୁମା ୨:୫୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଜୁମା ନମାଜ ସହିତ ଅସର୍ ନମାଜକୁ ଜମା କରି ପଢ଼ାଇଲେ ।

ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ଫ୍ରାନ୍ସର ଅମୀର ସାହେବଙ୍କୁ ନିର୍ଦ୍ଦେଶ ଦେଲେ ଯେ, ଷ୍ଟେଜ୍ ଉପରେ ଯେଉଁ ବ୍ୟାଜ ଅଛି ନମାଜ ପଢ଼ିବାବେଳେ ତାହାର ତଳଭାଗକୁ କପଡ଼ା ଦ୍ୱାରା ଢ଼ାଙ୍କି ଦିଅନ୍ତୁ ଯଦ୍ୱାରା ତାହା ଦେଖାନଯିବ । ଏହି ବେଜ୍‌ରେ ଯମାତ୍ ଅହେମଦୀୟା ଫ୍ରାନ୍ସର ଗତ ଜଲ୍‌ସା ସାଲାନାକୁ ପିକ୍‌ଟୋରିଆଲ୍ ଲାଙ୍ଗୁଏଜ୍‌ରେ ଉପସ୍ଥାପନ କରାଯାଇଥିଲା ଏବଂ ଯମାତ୍‌ର ନୂଆ ସେଂଟର ବଇତୁଲ୍ ଅତା ର ନକ୍ସା ପିକ୍‌ଟୋରିଆଲ୍ ଲାଙ୍ଗୁଏଜ୍‌ରେ ପଦର୍ଶନ କରାଯାଇଥିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ଆଜି ନମାଜ ଜୁମାରେ ଯେଉଁ ଉପସ୍ଥାନ ଥିଲା ତାହା ପାଖାପାଖି ୧୩୦୦ ଥିଲା । ଏଥିରେ ବିଦେଶରୁ ଆସିଥିବା ୪୦୦ ରୁ ଅଧିକ ଅତିଥି ସାମିଲ ଥିଲେ । ଫ୍ରାନ୍ସ ବ୍ୟତିତ ଜର୍ମାନୀ, ବ୍ରିଟେନ୍, ବେଲଜିୟମ୍, ସ୍ପେନ୍, ଆଲ୍‌ଜେରିଆ, ବୁର୍କିନାଫାସୋ, କାନାଡ଼ା, ଗାମ୍ବିୟା, ଆଇଭେରି କୋଷ୍ଟ, ହଲାଣ୍ଡ, ଇଟାଲୀ, ମାଲି, ପାକିସ୍ତାନ, ସିନିଗାଲ୍, ସୁଇଜରଲ୍ୟାଣ୍ଡ, ୟୁଏଇ ଏବଂ ୟୁଏସ୍‌ଏ ଦେଶ ସହିତ ସମ୍ପର୍କ ରଖିଥିବା ଲୋକମାନେ ସାମିଲ ହୋଇଥିଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ଖୁତ୍‌ବା ଜୁମା ଏହି ଜଲ୍‌ସାଗାଃରୁ ଏମ୍‌ଟିଏ ଇଂଟରନ୍ୟାସନାଲ ଦ୍ୱାରା ସିଧାସଳଖ ପ୍ରସାରଣ କରାଗଲା ।

ପ୍ରୋଗ୍ରାମ ମୁତାବକ ଠିକ୍ ୮ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ଜଲ୍‌ସାଗାଃଠାରେ ପଦାର୍ପଣ କରି ମଗ୍‌ରିବ ଏବଂ ଇଶା ନମାଜ ପଢ଼ାଇଲେ, ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୫ ଅକ୍ଟୋବର ୨୦୧୯ (ଶନିବାର)**

ହଜୁର ଅନଓ୍ୱର ଅ:ବ:ଅ ଭୋର୍ ୬:୨୦ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ହଲ୍ ଭିତରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳରେ ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି ଡ଼ାକ, ଚିଠି ଏବଂ ରିପୋର୍ଟସ ଇତ୍ୟାଦିର ତଦାରଖ କଲେ ଓ ସେଥିରେ ହିଦାୟତ (ନିର୍ଦ୍ଦେଶମାନ) ପ୍ରଦାନ କଲେ । ଏହିପରି ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

**ହଜୁର ଅନଓ୍ୱରଙ୍କ ସହିତ ମହିଳାମାନଙ୍କ ଇଜ୍‌ଲାସ୍**

ଆଜି ପ୍ରୋଗ୍ରାମ ମୁତାବକ ଲଜ୍‌ନା ଜଲ୍‌ସାଗାଃଠାରେ ହଜୁର ଅନଓ୍ୱର ଅ:ବ:ଅଙ୍କର ଅଭିଭାଷଣ ଥିଲା । ତେଣୁ ଠିକ୍ ୧୨:୩୦ ସମୟରେ ହଜୁର ଅନଓ୍ୱର ଅ:ବ:ଅ ଲଜ୍‌ନା ଜଲ୍‌ସାଗାଃଠାରେ ପହଂଚିଲେ । ସଦର ଲଜ୍‌ନା ଇମାଇଲ୍ଲାଃ ଫ୍ରାନ୍ସ ଫରହତ୍ ଫହିମ୍ ସାହିବା ଏବଂ ନାଜିମା ଆଲା ନିଜର ନାଏବ ନାଜିମାତ୍‌ମାନଙ୍କ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ କଲେ ।

ଏହି ସଭାର ଶୁଭାରମ୍ଭ ପବିତ୍ର କୁର୍‌ଆନ୍‌ର ଆବୃତି ଦ୍ୱାରା ହେଲା । ଅଜିଜାଃ ଅନ୍‌ଅମ୍ କାହାଲୁଁ ସାହିବା ପବିତ୍ର କୁର୍‌ଆନ୍‌ର ଆବୃତି କଲେ ଓ ତାହାର ଉର୍ଦ୍ଦୁ ଅନୁବାଦ ଅଜିଜା ହାଜ୍‌ରା ହାଦି ସାହିବା ଉପସ୍ଥାପନ କଲେ । ତା'ଉପରେ ଅଜିଜାଃ ଆଇଶା ସନ୍‌ଦୁସ୍ ସାହିବା ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ମନ୍‌ଜୁମ୍ କଲାମ୍:

**ଇକ୍ ନା ଇକ୍ ଦିନ୍ ପେଶ୍ ହୋଗା ତୁ ଫନାକେ ସାମ୍‌ନେ**
**ଚଲ୍ ନହିଁ ସକ୍‌ତି କିସିକି କୁଛ୍ କଜାକେ ସାମ୍‌ନେ**

ବହୁତ ଲଳିତ ସ୍ୱରରେ ପଢ଼ି ଶୁଣାଇଲେ । ତା'ପରେ ପ୍ରୋଗ୍ରାମ ମୁତାବକ ହଜୁର ଅନଓ୍ୱର ଅ:ବ:ଅ ଶିକ୍ଷା କ୍ଷେତ୍ରରେ ସଫଳତା ଲାଭ କରିଥିବା ୪୧ଜଣ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କଲେ । ଏହି ତାଲିମି ଆଓ୍ୱାଡ଼ ହାସଲ କରିଥିବା ସୌଭାଗ୍ୟବତୀ ଛାତ୍ରୀମାନଙ୍କ ନାମ ନିମ୍ନରେ ଦିଆଗଲା ।

| |
|---|
| ଇକ୍‌ରା ଖଲିଲ୍<br>B-tech National Diploma |
| ମହ୍‌ଜବିନ୍ ଅଜହର୍<br>B-tech National Diploma |
| ସାଇରା କନ୍‌ଓ୍ୱଲ୍ ଦାଉଦ୍<br>B-tech National Diploma |
| କମର୍ ଜିଆ<br>B-tech National Diploma |
| ଦୁର୍‌ରେ ସମିନ୍ ତୁବା ଓ୍ୱସିମ୍<br>B-tech National Diploma |
| ତୁବା ତାହିର୍<br>B-tech National Diploma |
| Aneeza Asim<br>Masters in Science |
| Ines Reziq<br>A-Level |
| Amina Chettih<br>A-Level |
| Imane Haddioui<br>A-Level |
| Nughz Tul Zahra<br>B.A in Science (Digitaland Creative Media) |
| Ines Doobory<br>B.A Mordern Literature |
| Fauzia Chaudhry<br>Masters in Homeopathy |
| Asifa Khan<br>Masters in Science of Medication |
| Sadiya Zafar<br>Masters in Psychology |

ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂତ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 22 Oct 2020 Issue No. 43

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)


# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

### ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣର ବଳକାଅଂଶ

ହଜୁର ଅନଓ୍ୱର ଅ:ବ:ଅ କହିଲେ: ମୋର ବିଶ୍ୱାସ ଯେ ଏବେ ଏହି ମସ୍‌ଜିଦ୍ ଯାହାର ଉଦ୍‌ଘାଟନ ହୋଇସାରିଛି, ତା ଯୋଗୁଁ ଆମ ଯମାତ୍ ଓ ଏଠିକାର ସ୍ଥାନୀୟ ଲୋକମାନେ ଆହୁରି ଅଧିକା ନିକଟତର ହେବେ ଓ ଆମ ମଧ୍ୟରେ ବନ୍ଧୁତ୍ୱର ବନ୍ଧନ ମଜ୍‌ଭୁତ୍ ହେବ । ମୋର ଏ ବିଶ୍ୱାସ ଯେ ଆମ ମଧ୍ୟରେ ଆପୋଷ ପ୍ରେମ ଭାବ ଆହୁରି ଅଧିକ ନିବିଡ଼ ହେବ ଏବଂ ଆପଣମାନେ ଏହି ମସ୍‌ଜିଦ୍‌କୁ ମାନବଜାତି ପାଇଁ ମଙ୍ଗଳ ଓ କଲ୍ୟାଣର ସନ୍ତକ ରୂପେ ଦେଖିବାକୁ ପାଇବେ । ବର୍ତମାନ ଆମ ସମସ୍ତଙ୍କୁ ପୂର୍ବାପେକ୍ଷା ଧର୍ମୀୟ ମତଭେଦକୁ ପରିତ୍ୟାଗ କରି, ସେ ମୁସଲମାନ ହୁଅନ୍ତୁ ବା ଅଣମୁସଲମାନ, ଶାନ୍ତି ସ୍ଥାପନ କରିବା ପାଇଁ ମିଳିମିଶି କାମ କରିବାକୁ ହେବ ଓ ମାନବିକତାର ନାମରେ ଏକାଠି ହେବାକୁ ହେବ । ଦେଶର ଉନ୍ନତି ପାଇଁ କାମ କରିବା ସଙ୍ଗେ ସିଙ୍ଗେ ସାରା ଦୁନିଆରେ ଶାନ୍ତି ପ୍ରତିଷ୍ଠା କରିବାପାଇଁ ଚେଷ୍ଟା କରିବାକୁ ହେବ । ଅଲ୍ଲାହ୍ ତାଲା ଏ ମାନବଜାତିକୁ ଏହା ସବୁ କରିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ବୁଦ୍ଧି ଦିଅନ୍ତୁ । ଆମିନ୍-

ଶେଷରେ ମୋର ଏ ଦୁଆ (ପ୍ରାର୍ଥନା) ଯେ ଏହି ମସ୍‌ଜିଦ୍ ସର୍ବଦା ଆଲୋକର କିରଣ ଓ ଆଶାର କିରଣ ଭାବେ ପ୍ରମାଣ ହେଉ, ଯେଉଁଥିରୁ ଚାରିଆଡ଼େ ମାନବିକ ସହାନୁଭୂତି, ଶାନ୍ତି ଓ ପ୍ରେମ ପ୍ରସ୍ଫୁଟିତ ହେଉ । ଆମିନ୍- ଏତିକି କହି ମୁଁ ଆପଣ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଛି ଯେ ଆପଣମାନେ ଏହି ପବିତ୍ର ସଭାରେ ସାମିଲ ହେଲେ ।

ତା'ପରେ ଏହି ସଭାରେ ସାମିଲ ହୋଇଥିବା ସମସ୍ତ ଅତିଥିଗଣ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଭୋଜନ ଗ୍ରହଣ କଲେ । ଭୋଜନ ପରେ କିଛି ଅତିଥି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହାତ ମିଳାଇଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ମହିଳାମାନଙ୍କ ନିମନ୍ତେ ଲଗାଯାଇଥିବା ସାମିଆନା ଭିତରକୁ ଗଲେ ।

ପ୍ରୋଗ୍ରାମ ମୁତାବକ ସାଢ଼େ ଆଠଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ଆଫିୟତରେ ପଦାର୍ପଣ କରି ମଗରିବ୍ ଏବଂ ଈଶା ନମାଜ ଯମା କରି ପଢ଼ାଇଲେ । ନମାଜପାଠ ପରେ ନନ୍‌ସ୍ପିଟ୍ ଲେଉଟି ଯିବାପାଇଁ ବାହାରିଲେ । ଠିକ୍ ୯:୪୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ "ବଇତୁଲ୍ ନୂର" ନନ୍‌ସ୍ପିଟ୍‌ଠାରେ ପହଂଚିଲେ ଓ ପୁଣି ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ଅତିଥିମାନଙ୍କ ମନୋଭାବ ବ୍ୟକ୍ତ

ହଜୁର ଅନଓ୍ୱର ଅ:ବ:ଅଙ୍କ ଏହି ଅଭିଭାଷଣ ଏହି ସଭାରେ ସାମିଲ ହୋଇଥିବା ଅତିଥିମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । କେତେକ ଅତିଥି ନିଜ ନିଜର ଆବେଗ ଓ ମନୋଭାବକୁ ପ୍ରକାଶ ମଧ୍ୟ କଲେ ।

✲ ଅଲ୍‌ମେରେ ଚର୍ଚ୍ଚର ଚେୟାରମ୍ୟାନ୍ ହାୟୁତିଜଲ୍ ସାହେବ୍ ନିଜର ମନୋଭାବକୁ ପ୍ରକାଶ କରି କହିଲେ: ଆପଣଙ୍କ ଯମାତ୍‌ର ବାର୍ତା ହେଉଛି ଶାନ୍ତିର ବାର୍ତା । ଆପଣଙ୍କ ଖଲିଫା ଶାନ୍ତି ଏବଂ ଧର୍ମୀୟ ସ୍ୱାଧିନତା ଉପରେ ବହୁତ ସୁନ୍ଦର ଭାଷଣ ଦେଲେ । ଅଲ୍‌ମେରେ ସହରରେ ପ୍ରଥମେ କ୍ୟାଥୋଲିକ୍ ଏବଂ ପ୍ରୋଟେସ୍ଟାଂଟ୍‌ସ ମିଳିମିଶି ଶାନ୍ତିରେ ରହୁଥିଲେ । ଏବେ ଏ ଆଶା କରୁଛୁ ଯେ ଅହେମଦୀମାନେ ମଧ୍ୟ ଆମ ସହିତ ମିଶି ଶାନ୍ତିରେ ରହିବେ ।

✲ ଜଣେ ସ୍ଥାନୀୟ ଡ଼ଃ ଅତିଥି ୟୁନାସେ ସାହେବ ନିଜର ମନୋଭାବ ବ୍ୟକ୍ତ କରି କହିଲେ: ମତେ କିଛି ଦିନ ପୂର୍ବେ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ନିମନ୍ତେ ନିମନ୍ତ୍ରଣପତ୍ର ମିଳିଲା । ଆପଣଙ୍କ ଯମାତ୍‌ର ଏହା ବହୁତ ଭଲ କଥା ଯେ ଆପଣ ଅନ୍ୟମାନଙ୍କ ସହିତ କଥା ହେବାପାଇଁ ପ୍ରସ୍ତୁତ ଅଛନ୍ତି । ଆପଣଙ୍କ ଖଲିଫାଙ୍କ ବାର୍ତା ବହୁତ ସ୍ପଷ୍ଟ ଥିଲା ଏବଂ ମୁଁ ଇନ୍‌ଶାଅଲ୍ଲାହ୍ ପୁଣି ଏହି ମସ୍‌ଜିଦ୍‌କୁ ଆସିବି ।

✲ ଜଣେ ଆରବୀୟ ଅତିଥି ଅଲ୍‌ୱଲିଦ୍ ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ:- ଆପଣଙ୍କ ପ୍ରୋଗ୍ରାମ୍‌ରେ ସାମିଲ ହୋଇ ବହୁତ ଭଲ ଲାଗିଲା । ମୁଁ କିଛି ଦିନ ହେବ ଆପଣଙ୍କ ଯମାତ୍ ବିଷୟରେ ଜାଣିବାକୁ ଚେଷ୍ଟା କରୁଛି । ଏ ଦୁନିଆକୁ ଆପଣଙ୍କ ଯମାତ୍‌ର ବାର୍ତାର ଆବଶ୍ୟକତା ରହିଛି । ଆପଣଙ୍କ ଖଲିଫାଙ୍କ ଅଭିଭାଷଣ ମତେ ବହୁତ ଭଲ ଲାଗିଲା ଯେ ଏହି ମସ୍‌ଜିଦ୍ ଶାନ୍ତିର ଭୂମିକା ନିର୍ବାହ କରିବ ।

✲ ଜଣେ ଡ଼ଃ ମହିଳା ହେନି ସାହିବା କହିଲେ: "ଖଲିଫାଙ୍କ ବାର୍ତା ହେଉଛି ଶାନ୍ତିର ବାର୍ତା । ମୁଁ ଅଲ୍‌ମେରେ ସହରରେ ରହୁଛି । ମତେ ବହୁତ ଭଲ ଲାଗିଲା ଯେ ଆପଣ ଆମକୁ ନିଜ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବରେ ଆମନ୍ତ୍ରଣ କଲେ । ଆପଣଙ୍କ ଯମାତ୍ ବହୁତ ଅତିଥି ପରାୟଣ । ଆପଣଙ୍କ ଖଲିଫାଙ୍କ ଶାନ୍ତିର ବାର୍ତା ଆମ ଇସାଇମାନଙ୍କ ଶିକ୍ଷା ସହିତ ବହୁତ ସମାନତା ରଖିଛି । ମୁଁ ଏ ଆଶ କରୁଛି ଯେ ଆପଣଙ୍କ ଯମାତ୍ ଆମ ସହିତ ମିଶି ଏହି ଇଲାକାରେ ଶାନ୍ତି ପ୍ରତିଷ୍ଠା କରିବ ।"

"ଗୋଟିଏ NGO ମନ୍ଦୟୁନିନ୍ଦୁ ର ଚେୟାର ପରସନ୍ ୟାଟ୍ରିଶାହଫମ୍ୟାନ୍ ସାହିବା କହିଲେଁ ମୁଁ ଦି ହେଗ୍‌ରୁ ଆସିଛି । ମତେ ଆପଣଙ୍କ ପ୍ରୋଗ୍ରାମର ବ୍ୟବସ୍ଥା ବହୁତ ଭଲ ଲାଗିଲା । ମୁଁ ଆପଣଙ୍କ ଖଲିଫାଙ୍କ ସହିତ ପୂର୍ବରୁ ସାକ୍ଷାତ କରିସାରିଛି । ମୁଁ ଭାବୁଛି ଯେ ଆପଣଙ୍କ ଖଲିଫା ଓ ଆପଣଙ୍କ ଯମାତ୍ ଆମ ସହିତ ମିଶି ଆଜିକାଲିର ସମାଜରେ ଉପୁଜିଥିବା ଅନେକ ସମସ୍ୟାର ସମାଧାନ କରିପାରିବ ।

✲ ଜଣେ ଆରବୀୟ ଅତିଥି ଜକରିୟା ଅଲ୍‌ଅଜ୍‌ହର୍ ସାହେବ ନିଜ ମନୋଭାବକୁ ବ୍ୟକ୍ତ କରି କହିଲେ: ଆଜିକାର ପ୍ରୋଗ୍ରାମ ବହୁତ ଭଲ ଥିଲା । ଆପଣଙ୍କ ଖଲିଫାଙ୍କ ଭାଷଣ ବହୁତ ଭଲ ଥିଲା । ଯଦି ଆମେ ଶାନ୍ତି ଚାହୁଁଛେ ତେବେ ଆମକୁ ତାଙ୍କ ଭାଷଣ ଉପରେ ଜରୁର ପରିଚାଳିତ ହେବା ଉଚିତ । ଜଣେ ଆରବୀୟ ହୋଇଥିବାରୁ ମୁଁ ଏହା ମଧ୍ୟ କହିବାକୁ ଚାହୁଁଛି ଯେ ଆପଣଙ୍କର ଏହି ପ୍ରୋଗ୍ରାମର ଆରମ୍ଭରେ ପବିତ୍ର କୁର୍‌ଆନ୍‌ର ଆବୃତି କରାଗଲା, ଏହା ଦେଖି ମତେ ବହୁତ ଭଲ ଲାଗିଲା ।

✲ ଜଣେ ସ୍ଥାନୀୟ ଅତିଥି ଦେନେକେ ସାହିବା କହିଲେ: ଆପଣଙ୍କ ପ୍ରୋଗ୍ରାମ ବହୁତ ସୁନ୍ଦର ଭାବେ ପ୍ରସ୍ତୁତ କରାଯାଇଥିଲା । ଆପଣଙ୍କ ଖଲିଫାଙ୍କୁ ଦେଖି ବହୁତ ଭଲ ଲାଗିଲା । ଖଲିଫାଙ୍କ ଭାଷଣ ମଧ୍ୟ ବହୁତ ଉଚ୍ଚକୋଟିର ଥିଲା । ଆପଣଙ୍କ ପ୍ରୋଗ୍ରାମରେ ଏକଥା ମଧ୍ୟ ବହୁତ ଭଲ ଲାଗିଲା ଯେ ଆପଣମାନେ ମହିଳାମାନଙ୍କ ନିମନ୍ତେ ବହୁତ ଭଲ ବ୍ୟବସ୍ଥା କରିଥିଲେ । ମୁଁ ଚାହୁଁଛି ଯେ ମୁଁ ଆସନ୍ତାକୁ ପୁଣି କେବେ ଏହି ମସ୍‌ଜିଦ୍‌କୁ ଆସିବି ଓ ଆପଣଙ୍କ ଯମାତ୍‌ର ମହିଳାମାନଙ୍କ ସହିତ ମିଶିବି ।

✲ ଜଣେ ସ୍ଥାନୀୟ ଅତିଥି ଫିଲିପ୍ (Filip) ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମତେ ଆପଣଙ୍କ ମସ୍‌ଜିଦ୍ ଦେଖିବାକୁ ବହୁତ ସଉକ ଥିଲା ତେଣୁ ମୁଁ ଆଜି ଏଠାକୁ ଆସିଛି । ତତ୍‌ସହିତ ମୁଁ ଆପଣଙ୍କ ଖଲିଫାଙ୍କୁ ମଧ୍ୟ ଦେଖିନେଲି ତେଣୁ ଆଜିର ଦିନଟି ମୋ ପାଇଁ ବହୁତ ସ୍ପେଶାଲ୍ ଥିଲା । ଆପଣଙ୍କ ଖଲିଫା ସାହେବଙ୍କର ବକ୍ତୃତା ମୋ ଉପରେ ବହୁତ ଭଲ ପ୍ରଭାବ ପକାଇଛି ।

✲ ଆଉ ଜଣେ ସ୍ଥାନିୟ ଅତିଥି ଏଡ୍‌ୱିନ୍ ସାହେବ ନିଜର ଭାବନାକୁ ବ୍ୟକ୍ତ କରି କହିଲେ: ମୁସଲମାନମାନଙ୍କର କୌଣସି ପ୍ରୋଗ୍ରାମରେ ମୁଁ ପ୍ରଥମଥର ପାଇଁ ସାମିଲ ହୋଇଛି । ଆସିବା ପୂର୍ବରୁ ମୋ ପଡ଼ୋଶୀ ମତେ କହିଥିଲେ ଯେ ଟିକିଏ ସତର୍କ ରହିବ । ମୁସଲମାନମାନଙ୍କର କିଛି ଠିକଣା ନାହିଁ, ସେ କେବେ କଣ କରିପକାନ୍ତି । କିନ୍ତୁ ମତେ ଏଠାକୁ ଆସି ବହୁତ ଭଲ ଲାଗିଲା । ଆପଣଙ୍କ ଯମାତ୍‌ର ଲୋକମାନେ ଆରମ୍ଭରୁ ନେଇ ଶେଷ ପର୍ଯ୍ୟନ୍ତ ଆମର ଧ୍ୟାନ ରଖିଲେ ଏବଂ ଆପଣମାନଙ୍କ ଅତିଥିସତ୍କାର ଆମକୁ ମନେ ରହିବ । ଆପଣଙ୍କ ଖଲିଫାଙ୍କ ଭାଷଣରୁ ଆମେ ଜାଣିଗଲୁ ଯେ ଆପଣମାନେ ହେଉଛନ୍ତି ଶାନ୍ତିପ୍ରୀୟ ଓ ଅଲ୍‌ମେରେ ସହରର ପରିବେଶକୁ ଖରାପ କରିବେ ନାହିଁ ।

✲ ଜଣେ ସ୍ଥାନୀୟ ମହିଳା ଅତିଥି ଅୟୁଲିନ୍ ସାହିବା କହିଲେ: ଆପଣଙ୍କ ଖଲିଫାଙ୍କ ଭାଷଣ ଆଜିକାଲିର ପରିସ୍ଥିତି ପାଇଁ ବହୁତ ଜରୁରୀ । ଦୁଃଖର ବିଷୟ ଯେ ଦୁନିଆକୁ ଇସ୍‌ଲାମ୍‌ର ଏପରି ରୂପ ଦେଖାଇବାକୁ ଦିଆଯାଉନାହିଁ । ଆପଣଙ୍କ ଯମାତ୍‌ର ଲୋକମାନେ ବହୁତ ପରିଶ୍ରମି ଓ ବହୁତ ଅତିଥିପରାୟଣ । ମୁଁ ଆଜି ଏହି ମସ୍‌ଜିଦ୍‌କୁ ପ୍ରଥମଥର ଦେଖିଲି । କିନ୍ତୁ ମୁଁ ଆସନ୍ତାକୁ ମଧ୍ୟ ଏଠାକୁ ଆସିବାକୁ ଚାହିଁବି । କାରଣ ଆପଣଙ୍କ ମସ୍‌ଜିଦ୍‌ରେ ମତେ ଶାନ୍ତି ମିଳିଲା ।

✲ ଜଣେ ସିଖ୍ ମହିଳା ଗୁର୍‌ପ୍ରୀତ୍ କୌର ସାହିବା ନିଜ ମନୋଭାବକୁ ବ୍ୟକ୍ତ କରି କହିଲେ: ଆମେ ଆପଣଙ୍କ ଯମାତ୍‌କୁ ବହୁତ ଦିନରୁ ଜାଣିଛୁ । ଆମେ କାଦିଆନ୍ ମଧ୍ୟ ଯାଇସାରିଛୁ । ଭାରତରେ ଆମର ଘର ଅମୃତସରଠାରେ ଅଛି । ଆପଣଙ୍କର ଏହି ପ୍ରୋଗ୍ରାମରେ ଯୋଗ ଦେଇ ଆମକୁ ବହୁତ ଭଲ ଲାଗିଲା । ଆପଣ ସମସ୍ତେ ଆପୋଷରେ ଗୋଟିଏ ଫ୍ୟାମିଲି ସଦୃଶ ରହୁଛନ୍ତି ଯାହା ଆଜିକାଲିର ଯୁଗରେ ବହୁତ ଜରୁରୀ ।

### ୨ ଅକ୍ଟୋବର ୨୦୧୯ (ବୁଧବାର)

ହଜୁର ଅନଓ୍ୱର ଅ:ବ:ଅ ପ୍ରତ୍ୟୁଷ ସାଢ଼େ ଛଅଟା ରେ ମସ୍‌ଜିଦ୍ ବଇତୁଲ୍ ନୂରଠାରେ ପଦାର୍ପଣ କରି ଫଜର୍ ନମଜେ ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳେ ହଜୁର ଅନଓ୍ୱର ଅ:ବ:ଅ ଦଫ୍ତରି ଡ଼ାକ, ଚିଠିପତ୍ର ଏବଂ ରିପୋର୍ଟସ୍ ଇତ୍ୟାଦି ତଦାରଖ କଲେ ଏବଂ

ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan